


# 'ଽ ବର୍ଷ ବୟସରେ ଯୌନଶୋଷଣ ହୋଇଥିଲା'



ବିଶାଳ ଆଦିତ୍ୟ ସିଂ ଟେଲିଭିଜନ ଦୁନିଆର ସୁପରଷ୍ଟାର। ଏହି ଅଭିନେତା ଜଣକ 'ଚନ୍ଦ୍ରକାନ୍ତା', 'ବେଗୁସରାୟ', 'କୁଲ୍ଫି କୁମାର', 'ବିଗବସ – ୧୩' ତଥା 'ନଚ ବଲିଏ ୯' ଭଳି ଶୋ' ରେ ନଜର ଆସି ଘରେ ଘରେ ପରିଚିତ। ବିଶାଳ ସେହି ସମୟରେ ବେଶୀ ଲୋକପ୍ରିୟ ହୋଇଗଲେ, ଯେବେ ବିଗବସରେ ମଧୁରିମା ତୁଲୀଙ୍କ ସହ ତାଙ୍କର ଝଗଡା ଶୀର୍ଷରେ ପହଂଚି ଥିଲା। ଅଭିନେତା ଜଣକ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ ରୁହନ୍ତି। ନିକଟରେ ବିଶାଳ ପିଲାଦିନରେ ନିଜ ସହ ହୋଇଥିବା ଯୌନଶୋଷଣକୁ ନେଇ ବୟାନ ଦେଇଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କ ସହିତ ଯୌନଶୋଷଣ ହୋଇଥିଲା। ପାରସ ଛାବଡାଙ୍କ ଏକ ଶୋ' ରେ ଏହି ବିଷୟରେ ମତ ରଖିଛନ୍ତି ବିଶାଳ। ତାଙ୍କର ଜଣେ ଚାଚା ତାଙ୍କୁ ବାଇକ ଚଲାଇବା ଶିଖାଇବାକୁ କହି ତାଙ୍କ ସହ ଏହି କଳାକାରନାମା କରିଥିଲେ। ବିଶାଳ ବାପାଙ୍କୁ ଏହି କଥା କହିବାରୁ ବାପା ତାଙ୍କ ଉପରେ ରାଗି ତାଙ୍କୁ ମାଡ ମଧ୍ୟ ମାରିଥିଲେ। ମୁମ୍ବାଇ ଆସିବା ପରେ ସେ ଜାଣିଲେ ଯେ ତାଙ୍କ ସହ ଯାହା ହୋଇଥିଲା ତାହା ବାସ୍ତବରେ ଖରାପ ହିଁ ଥିଲା। ପରେ ସେ ତାଙ୍କ ଚାଚାଙ୍କୁ କହିଥିଲେ ଯେ ଯାହା ସେ ତାଙ୍କ ସହ କରିଛନ୍ତି, ସେହି ସମାନ କାମ ଯଦି ସେ ତାଙ୍କ ପିଲାଙ୍କ ସହ କରିବେ ତେବେ!

# ମା' ହେବେ କ୍ୟାଟ୍ରିନା !



ଅଭିନେତା ବିକ୍କି କୌଶଲ ଆଜିକାଲି ଫିଲ୍ମ ବ୍ୟାଡ୍ ନ୍ୟୁଜର ପ୍ରମୋସନରେ ବ୍ୟସ୍ତ ରହୁଛନ୍ତି। ନିକଟରେ ତାଙ୍କୁ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚାଂଟଙ୍କ ବିବାହରେ ଦେଖିବାକୁ ମିଳିଥିଲା। ଏହି ସମୟରେ ସେ ପତ୍ନୀ କ୍ୟାଟ୍ରିନା କୈଫଙ୍କ ସହ ନଜର ଆସିଥିଲେ। ଏହି ବିବାହରେ କ୍ୟାଟ୍ରିନା କୈଫ ନାଲି ରଙ୍ଗର ଶାଢ଼ିରେ ନଜର ଆସିଥିଲେ। କ୍ୟାଟ୍ରିନାଙ୍କ ଉପସ୍ଥିତି ପୁଣି ଥରେ ତାଙ୍କ ଗର୍ଭଧାରଣକୁ ନେଇ ଗୁଜବ ଆରମ୍ଭ କରିଥିଲା। ଏବେ ବ୍ୟାଡ୍ ନ୍ୟୁଜ୍ ର ପ୍ରମୋସନ ସମୟରେ ବିକ୍କି ଏହି ଗୁଜବ ଉପରେ ପ୍ରତିକ୍ରିୟା ରଖିଛନ୍ତି। ଯେତେବେଳେ ବିକ୍କିଙ୍କୁ ପଚରାଯାଇଥିଲା କ୍ୟାଟ୍ରିନାଙ୍କ ଜନ୍ମଦିନ ପାଇଁ ଯୋଜନା କ'ଣ ? ତେଣୁ ଏହାର ଜବାବରେ ସେ କହିଥିଲେ, ଧନ୍ୟବାଦ ! କ୍ୟାଟ୍ରିନାଙ୍କ ଜନ୍ମଦିନ ବହୁତ ଖାସ୍। ଯୋଜନା ହେଉଛି ଆମେ ଏକାଠି ସମୟ ବିତାଇବୁ। କାରଣ ପ୍ରମୋସନ ଦୀର୍ଘ ଦିନ ଧରି ଚାଲିଛି ଏବଂ କ୍ୟାଟ୍ରିନା ମଧ୍ୟ ଯାତ୍ରା କରୁଛନ୍ତି। ଏବଂ ଯେତେବେଳେ ଆପଣ ଯେଉଁ ଖୁସି ଖବର ବିଷୟରେ କହିଥିଲେ ତାହା ଆସିବ, ଆମେ ଏହାକୁ ସମସ୍ତଙ୍କ ସହ ସେୟାର କରି ବହୁତ ଖୁସି ହେବୁ। ସେପର୍ଯ୍ୟନ୍ତ ଏଥିରେ କୌଣସି ସତ୍ୟତା ନାହିଁ ଏବଂ ଏହା କେବଳ କଳ୍ପନାଜଳ୍ପନା। 'ୱାର୍କଫ୍ରଂଟ ବିଷୟରେ କହିବାକୁ ଗଲେ ଫିଲ୍ମ ବ୍ୟାଡ୍ ନ୍ୟୁଜରେ ନଜର ଆସିବେ ବିକ୍କି କୌଶଲ। ଏହି ଫିଲ୍ମ ଜୁଲାଇ ୧୯ରେ ରିଲିଜ ହେବ। ଫିଲ୍ମର ଟ୍ରେଲରପ୍ରଶଂସକଙ୍କୁ ପସନ୍ଦ ଆସିଥିବା ବେଳେ ଗୀତଗୁଡ଼ିକୁ ମଧ୍ୟ ଭଲ ରେସପନ୍ସ ମିଳୁଛି। ଭିକିଙ୍କ ଗୀତ 'ତୌବା ତୌବା'ରେ ତାଙ୍କ ଡ୍ୟାନ୍ସ ମୁଭ୍ ଭାଇରାଲ ହୋଇଥିଲା।



# ବୟସ୍କଙ୍କଠୁ ବେଶୀ ହସନ୍ତି ଶିଶୁ

ଜଣେ ଛୋଟ ଛୁଆର ହସ ମଣିଷର ଅଧା ଅସୁବିଧା ଦୂର କରି ଦିଏ। ବୟସ୍କ ମଧ୍ୟ ତା ହସରେ ଆହ୍ଲାଦିତ ହୋଇ ଉଠେ। ଦୁଃଖୀ ମନକୁ ପ୍ରଫୁଲ୍ଲିତ କରେ ଛୋଟ ଛୁଆର ହସଟିକକ। ସେଥିପାଇଁ ତ ସମସ୍ତେ ପସନ୍ଦ କରନ୍ତି କୁନି କୁନି ଶିଶୁଙ୍କୁ ଓ ତାହାର କୋମଳ ହୃଦୟକୁ। ତାଙ୍କର ହସରେ ଥାଏ ଭିନ୍ନ ଏକ ଆକର୍ଷଣ, ଯାହାର କଳନା ସକାଳୁ ଫୁଟିଥିବା ସତେଜ ଫୁଲର ମହକ ଭଳି ହୋଇଥାଏ। ଛୋଟଛୁଆ ହେଉ ବା ବୟସ୍କଙ୍କ ହସ ହେଉଛି ତାଙ୍କର ଖୁସିର ପ୍ରତୀକ। ଯାହା କୌଣସି ଟଙ୍କାରେ ନ ଥାଏ, ଥାଏ ମଣିଷର ମନରେ। ଚେହେରାରୁ ଜଣକର ମନର ଭାବନା ମଧ୍ୟ ଜାଣି ହୁଏ। କାରଣ ଦୁଃଖ ସମୟରେ ମଣିଷର ମନ କିଛି ଭିନ୍ନତା ପ୍ରତିପାଦନ କରେ ଓ ଖୁସିରେ କିଛି ଭିନ୍ନ ଥାଏ । ମାତ୍ର ବୟସ ବଢିବା ସହ ମଣିଷର ହସର ଭାବାତ୍ମକ ପରିବର୍ତ୍ତନ ମଧ୍ୟ ହୁଏ। ଉଭୟ ଛୋଟ ଛୁଆ ଓ ବୟସ୍କଙ୍କ ହସରେ କିଛି ଭିନ୍ନତା ମଧ୍ୟ ପରିଲକ୍ଷିତ ହୁଏ। କୁହାଯାଏ, ବଡ ଲୋକଙ୍କ ଅପେକ୍ଷା ଛୋଟ ଛୁଆମାନେ ଅଧିକ ସମୟ ହସି ପାରନ୍ତି। କାରଣ ବୟସ୍କଙ୍କ ହସ କିଛି ସମୟ ପରେ ବଦଳିଯାଏ। ମାତ୍ର ଛୋଟ ଛୁଆଙ୍କଠାରେ ସେମିତି ହୋଇ ନ ଥାଏ । ଏହାପଛର କାରଣ ହେଉଛି ଛୋଟ ଛୁଆମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ଭାବରେ ବାନ୍ଧି ହୋଇ ରହି ପାରନ୍ତି। ତାଙ୍କ ପାଖରେ ସେହି ସମାନ ସମୟରେ ଅନ୍ୟ କିଛି ଭାବିବାର ଆବଶ୍ୟକତା ନ ଥାଏ। ଯାହା ବୟସ୍କଙ୍କଠାରେ ଦେଖାଯାଏ।

# ୪ ମାସ ପରେ ସେଟ୍‌ରେ ଆଲିଆ

ଦୀର୍ଘ ଦିନର ପ୍ରତୀକ୍ଷାର ଅବସାନ ଘଟିଛି। ଶେଷରେ 'ଆଲଫା' ସିନେମା ପାଇଁ ସୁଟିଂ ଆରମ୍ଭ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ଜାଣିବାକୁ ମିଳିଛି ଯେ ଆଲିଆ ତାଙ୍କର ଏହି ଚରିତ୍ର ପାଇଁ ନିଜକୁ ଦୀର୍ଘ ୪ ମାସ ଧରି ପ୍ରସ୍ତୁତ କରୁଥିଲେ। ଏହାର ସଂକ୍ଷିପ୍ତ ଟିଜରରେ ଆଲିଆଙ୍କର ଏକ ସଂଳାପ ରହିଛି। ଯେଉଁଥିରେ ତାଙ୍କୁ 'ସବୁ ସହର ଗୋଟିଏ ଜଙ୍ଗଲ୍ ଭଳି। କେବଳ ଜଣେ ଜଙ୍ଗଲ୍ ଉପରେ ରାଜ୍ କରିବ..ସେ ହେଉଛି ଆଲଫା' କହୁଥିବାର ଶୁଣିବାକୁ ମିଳୁଛି। ଆଲିଆଙ୍କର ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇ ଚାଲିଛି। ଉକ୍ତ ଫଟୋରେ ଆଲିଆ ଏକ ଧଳା ସାର୍ଟ ଏବଂ ନାଳ ପ୍ୟାଂଟ ପିନ୍ଧିଛନ୍ତି। ଏହା ସହିତ ତାଙ୍କ ନାମ ଛପା ଯାଇଥିବା ଏକ ଛତାକୁ ଜଣେ ବ୍ୟକ୍ତି ତାଙ୍କ ମୁଣ୍ଡ ଉପରେ ଧରିଥିବାର ବି ଦେଖିବାକୁ ମିଳିଛି। ଏହି ଫଟୋଟି ସେ ସୁଟିଂ ସେଟ୍‌କୁ ଯାଉଥିବା ବେଳର ବୋଲି ସୂଚନା ରହିଛି। ତେବେ ସୁଟିଂ ସେଟ୍‌ରୁ ଯେପରି କୌଣସି ଫଟୋ ପ୍ରଘଟ ନହୁଏ ସେଥିପାଇଁ ନିର୍ମାତା ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ଆଲିଆ ଚଳିତ ମାସ ପ୍ରଥମ ସପ୍ତାହରେ 'ଆଲଫା' ଫିଲ୍ମ ପାଇଁ ସୁଟିଂ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫିଲ୍ମରେ ତାଙ୍କର ପାଂଚରୁ ଛଅଟି ପ୍ରମୁଖ ଆକ୍ସନ୍ ସିନ୍ ରହିଛି।



# ୫୦ କୋଟି କ୍ଲବରେ ସାମିଲ ହେଲା 'ଇଣ୍ଡିଆନ -୨'

ସିନେମା ହଲରେ ବର୍ତ୍ତମାନ ସାଉଥ ସହିତ ଲଢେଇ ହେଉଛି ବଲିଉଡର। ସାଉଥ ସୁପରଷ୍ଟାର କମଲ ହସନଙ୍କ ସହ ଲଢୁଛନ୍ତି ବଲିଉଡ ଖିଲାଡି ଅକ୍ଷୟ କୁମାର। ମୁହାମୁହିଁ ହେଉଛନ୍ତି 'ଇଣ୍ଡିଆନ-୨' ଓ 'ସରଫିରା'। କମଲ କଳ୍କି '୨୮୯୮ ଏଡି' ପାଇଁ ଚର୍ଚ୍ଚାରେ ଥିବାବେଳେ ଅକ୍ଷୟ କୁମାର ଗତ କିଛି ବର୍ଷ ହେବ ବକ୍ସ ଅଫିସରେ ହିଟ ପାଇଁ ଅପେକ୍ଷାରତ। 'ଇଣ୍ଡିଆନ -୨' ସିନେମାଘରରେ ଧୁମ ମଚାଉଛି। ଫିଲ୍ମ ବକ୍ସ ଅଫିସରେ ୨୫.୬ କୋଟି ରୋଜଗାର କରି ଖାତା ଖୋଲିଛି। ଦ୍ୱିତୀୟ ଦିନରେ ଏହି ସିନେମା ୧୮.୨ କୋଟି କଲେକ୍ସନ କରିଛି। ତୃତୀୟ ଦିନରେ ସିନେମାଟି ପ୍ରାୟ ୭.୪୧ କୋଟି ଆୟ କରିଛି। ତିନି ଦିନରେ 'ଇଣ୍ଡିଆନ-୨' ପ୍ରାୟ ୫୧.୨୧ କୋଟି ଆୟ କରି ସାରିଛି। ସେହିଭଳି 'ସରଫିରା' ୨.୫ କୋଟିରେ ନିଜର ଓପନିଂ କରିଛି। ଦ୍ୱିତୀୟ ଦିନରେ ଏହି ସିନେମା ମାତ୍ର ୪.୨୫ କୋଟି ଆୟ କରିଛି। ସେହିଭଳି ତୃତୀୟ ଦିନରେ ସିନେମାଟି ୨.୭୩ କୋଟି ରୋଜଗାର କରି ପାରିଛି। ତିନି ଦିନରେ ମାତ୍ର ୯.୩୮ କୋଟି ଟଙ୍କା ରୋଜଗାର କରିଛନ୍ତି ଖିଲାଡି କୁମାରଙ୍କ 'ସରଫିରା'।






**ଭୁବନେଶ୍ୱର, ୨୦୨୫, ମଇ ୧୧**

# ସାମଗ୍ରିକ ନବଜାତକ ଯତ୍ନ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ ୟୁନିଟ ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିପରି ଏନବିଏସୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ୍ୟ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନବିଏସୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣୀତ କରିଛି।

ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ଆଇଏପି ନିଓକନର ୧୫ତମ ବାର୍ଷିକ ସମ୍ମିଳନୀ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଟ, କିସ୍ ଓ କିମସ ପ୍ରତିଷ୍ଠାତା ଡ.ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ ମୋଟାଲିଟି ରେଟ ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ.ଏନ. ପରିଡ଼ା ଏବଂ ଡା. ଗିରିଶ ଗୁପ୍ତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ ଫେଲୋଶିପ ଏକଜିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏବେ ଦେଶରେ ନବଜାତ ଶିଶୁ ମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧା ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ମିଳନୀ ଉଦଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗ ଦେଇଥିବା ବେଳେ ୧୫୦ ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ସମ୍ମିଳନୀର ଆଲୋଚ୍ୟ ବିଷୟବସ୍ତୁ ରହିଛି 'ସାମଗ୍ରୀକ ନବଜାକ ଯତ୍ନ'। ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱସ୍ତିକର ହୋଇଥାଏ। ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ। ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ। ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ। ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ। ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ। ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ। ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇ ପାରନ୍ତି। ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ। ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ। ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି। ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ। ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି। ଯାହାଫଳରେ ପେଟ ଫୁଲିଥାଏ। ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି। ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ। ଏହା ୧୦/୧୫ ଦିନ ରହିଥାଏ। ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ। ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ। ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ। କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ। ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା। ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ। ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ। ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ। ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତା ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧ୍ୟରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସବୁ ରାଜ୍ୟରେ ଏନବିଏସୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନବିଏସୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନବିଏସୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ନିକଟରେ ଏନବିଏସୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନା ଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନବିଏସୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜୀବନ ରକ୍ଷା କରିବାରେ ବେଶ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁ ବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୨ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ (ଏସଏନଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ, କଙ୍ଗାରୁ ମଦର କେୟାର ୟୁନିଟ ଆଦି ସ୍ଥାପନ, ଭାରତର ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟି ହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି। ଓଡ଼ିଶା ସରକାରଙ୍କ ଜଣେ ଦକ୍ଷ, ଅନୁଭବୀ ଓ ନବୀନ ବାବୁଙ୍କ ଘନିଷ୍ଠ ସହଯୋଗୀ ଭାବେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ରହିଛନ୍ତି ନିରଞ୍ଜନ ପୂଜାରୀ। ଲୋକପ୍ରିୟ ନବୀନ ବାବୁଙ୍କ ସରକାରଙ୍କ ଶୂନ୍ୟ ମୃତ୍ୟୁ ନୀତିକୁ ସେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରି ରାଜ୍ୟର ବିକାଶରେ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱକୁ ସେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି। ଯାହାଦ୍ୱାରା ଓଡ଼ିଶା ଏହି ବିରଳ ସଫଳତା ଓ ଗୌରବ ପାଇପାରିଛି।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ଭାରତ-ପାକିସ୍ତାନ ଯୁଦ୍ଧ: ଏକ ବିନାଶକାରୀ ସଂଘର୍ଷ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହୋଇଛି, ଉଭୟ ଦେଶ ଗୁଳିମାଡ଼ ଏବଂ ବିମାନ ଆକ୍ରମଣ ବିନିମୟ କରିଛନ୍ତି। ଏହି ଯୁଦ୍ଧର ଫଳସ୍ୱରୂପ ବହୁତ ଜୀବନ ଏବଂ ସମ୍ପତି କ୍ଷତି ହୋଇଛି, ଏବଂ ଏକ ବୃହତ ସଂଘର୍ଷର ସମ୍ଭାବନା ବିଷୟରେ ଚିନ୍ତା ସୃଷ୍ଟି କରିଛି। ଭାରତ-ପାକିସ୍ତାନ ବିବାଦର ମୂଳ ୧୯୪୭ ମସିହାରେ ଭାରତ ବିଭାଜନରୁ ରହିଛି, ଯାହା ଫଳରେ ଦୁଇଟି ପୃଥକ ରାଷ୍ଟ୍ର ସୃଷ୍ଟି ହୋଇଥିଲା। ସେବେଠାରୁ,ଦୁଇ ଦେଶ ଅନେକ ଯୁଦ୍ଧ ଏବଂ ସଂଘର୍ଷରେ ଜଡିତ ଅଛନ୍ତି, କାଶ୍ମୀର ଅଂଚଳ ବିବାଦର ଏକ ପ୍ରମୁଖ ବିନ୍ଦୁ। ବର୍ତ୍ତମାନର ପରିସ୍ଥିତି ଭୟଙ୍କର, ଉଭୟ ଦେଶ ତୀବ୍ର ସାମରିକ କାର୍ଯ୍ୟାନୁଷ୍ଠାନରେ ନିୟୋଜିତ। ଭାରତୀୟ ବାୟୁସେନା ପାକିସ୍ତାନୀ ଅଂଚଳରେ ବିମାନ ଆକ୍ରମଣ କରିଛି, ଯେତେବେଳେ ପାକିସ୍ତାନ ଭାରତୀୟ ଅଂଳରେ ନିଜସ୍ୱ ବିମାନ ଆକ୍ରମଣ ସହିତ ଜବାବ ଦେଇଛି। ଯୁଦ୍ଧର ଫଳସ୍ୱରୂପ ଏକ ଗୁରୁତ୍ୱପୂର୍ଣ୍ଣ ମାନବିକ ସଙ୍କଟ ସୃଷ୍ଟି ହୋଇଛି, ହଜାର ହଜାର ନାଗରିକ ବିସ୍ଥାପିତ ଏବଂ ଆହତ ହୋଇଛନ୍ତି। ଏହି ସଂଘର୍ଷର ଫଳସ୍ୱରୂପ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀର ଅଭାବ ମଧ୍ୟ ଦେଖାଦେଇଛି। ଆନ୍ତର୍ଜାତୀୟ ସମ୍ପ୍ରଦାୟ ଏହି ସଂଘର୍ଷ ବିଷୟରେ ଚିନ୍ତା ପ୍ରକାଶ କରିଛି ଏବଂ ଯୁଦ୍ଧବିରତି ପାଇଁ ଆହ୍ୱାନ କରିଛି। ଆମେରିକା, ଚୀନ୍ ଏବଂ ସାଉଦି ଆରବ ଭଳି ଦେଶ ଉଭୟ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଭାରତ-ପାକିସ୍ତାନ ଯୁଦ୍ଧ ଏକ ବିନାଶକାରୀ ସଂଘର୍ଷ ଯାହା ଫଳରେ ବହୁ ପରିମାଣରେ ଜୀବନ ଏବଂ ସମ୍ପତିର କ୍ଷତି ହୋଇଛି। ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଏକାଠି କାମ କରିବାକୁ ପଡିବ।

୧. 'ସଂଘରତିବିରତି': ଉଭୟ ଦେଶକୁ ଯୁଦ୍ଧବିରତିରେ ରାଜି ହେବା ଏବଂ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କାମ କରିବାକୁ ପଡିବ।

୨. 'ସଂଳାପ': ଭାରତ ଏବଂ ପାକିସ୍ତାନ ସେମାନଙ୍କର ମତଭେଦ ସମାଧାନ କରିବା ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନାରେ ସାମିଲ ହେବା ଆବଶ୍ୟକ।

୩. 'ଆନ୍ତର୍ଜାତୀୟ ସମର୍ଥନ': ଅନ୍ତର୍ଜାତୀୟ ସମ୍ପ୍ରଦାୟ ଶାନ୍ତି ଆଲୋଚନା ଏବଂ ଆତ୍ମବିଶ୍ୱାସ ସ୍ଥାପନ ପଦକ୍ଷେପ ପାଇଁ ସମର୍ଥନ ଏବଂ ସୁବିଧା ଯୋଗାଇବା ଆବଶ୍ୟକ। ଏହି କ୍ଷେତ୍ରର ଭବିଷ୍ୟତ ଭାରତ ଏବଂ ପାକିସ୍ତାନର ମତଭେଦ ସମାଧାନ ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବାର କ୍ଷମତା ଉପରେ ନିର୍ଭର କରେ। ଆଂଚଳିକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଏବଂ ଆହୁରି ସଂଘର୍ଷକୁ ରୋକିବା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଏକାଠି କାମ କରିବାକୁ ପଡିବ।

'ଭାରତ-ପାକିସ୍ତାନ ବିବାଦ ବୃଦ୍ଧି ପାଉଛି: ଏକ ଯୁଦ୍ଧ ଯାହା ଉଭୟ ପକ୍ଷ ଚାହୁଁ ନଥିଲେ'

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହୋଇଛି, ଉଭୟ ଦେଶ ଗୁଳିମାଡ଼ ଏବଂ ବିମାନ ଆକ୍ରମଣ ବିନିମୟ କରିଛନ୍ତି। ଏହି ଯୁଦ୍ଧର ପରିଣାମସ୍ୱରୂପ ବହୁତ ଜୀବନ ଏବଂ ସମ୍ପତି କ୍ଷତି ହୋଇଛି ଏବଂ ଏକ ବୃହତ ସଂଘର୍ଷର ସମ୍ଭାବନା ବିଷୟରେ ଚିନ୍ତା ସୃଷ୍ଟି କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷର ମୂଳ ୧୯୪୭ ମସିହାରେ ଭାରତ ବିଭାଜନରେ ରହିଛି, ଯାହା ଫଳରେ ଦୁଇଟି ପୃଥକ ରାଷ୍ଟ୍ର ସୃଷ୍ଟି ହୋଇଥିଲା। ସେବେଠାରୁ, ଦୁଇ ଦେଶ ଅନେକ ଯୁଦ୍ଧ ଏବଂ ସଂଘର୍ଷରେ ଜଡିତ ଅଛନ୍ତି, କାଶ୍ମୀର ଅଂଚଳ ବିବାଦର ଏକ ପ୍ରମୁଖ ବିନ୍ଦୁ।

ଭାରତୀୟ ସାମରିକ ପ୍ରତିଷ୍ଠାନ ଏବଂ ସାଧାରଣ ନାଗରିକ ଅଂଚଳ ଉପରେ ପାକିସ୍ତାନର ଡ୍ରୋନ୍ ଏବଂ ଟଇଠ ଆକ୍ରମଣ ସହିତ ଉତେଜନା ବୃଦ୍ଧି ଆରମ୍ଭ ହୋଇଥିଲା। ଭାରତ ପାକିସ୍ତାନ ବାୟୁସେନା ପାଇଁ ଏକ ଲଜିଷ୍ଟିକ୍ ହବ୍ ରାଓ୍ୱଲପିଣ୍ଡିରେ ନୁର ଖାନ ଘାଟି ସମେତ ପାକିସ୍ତାନ ବାୟୁସେନା ଉପରେ ବିମାନ ଆକ୍ରମଣ କରି ଜବାବ ଦେଇଛି।

ପାକିସ୍ତାନର ଉତେଜନା ନିରନ୍ତର ରହିଛି, ଦେଶ ଭାରତୀୟ ଭୂମିରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଭାରତ ଏହି ଆକ୍ରମଣଗୁଡ଼ିକୁ ସଫଳତାର ସହିତ ନିରପେକ୍ଷ କରିଛି, କିନ୍ତୁ ପରିସ୍ଥିତି ଅସ୍ଥିର ରହିଛି। ପାକିସ୍ତାନର ଉତେଜନା ପ୍ରତି ଭାରତର ପ୍ରତିକ୍ରିୟା ମାପିଯାଇଛି, ଦେଶ ଯଥେଷ୍ଟ ଧୈର୍ଯ୍ୟ ଏବଂ ସଂଯମତା ଦେଖାଇଛି। ତଥାପି, ନିରନ୍ତର ରାତିର ଡ୍ରୋନ୍ ଏବଂ ଟଇଠ ଆକ୍ରମଣ ପରେ, ଭାରତ ତାର ପ୍ରତିକ୍ରିୟାକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଏକ ଜଟିଳ ଏବଂ ବହୁମୁଖୀ ସଂଘର୍ଷ, ଉଭୟ ଦେଶ ବିମାନ ଆକ୍ରମଣ ଏବଂ ତୋପ ଗୁଳିରେ ଲିପ୍ତ ଅଛନ୍ତି। ଭୂମିରେ ପରିସ୍ଥିତି ତରଳ, ଉଭୟ ପକ୍ଷ କ୍ଷତି ସହୁଛନ୍ତି।

ଆନ୍ତର୍ଜାତୀୟ ସମ୍ପ୍ରଦାୟ ଏହି ସଂଘର୍ଷ ବିଷୟରେ ଚିନ୍ତା ପ୍ରକାଶ କରିଛି ଏବଂ ଯୁଦ୍ଧବିରତି ପାଇଁ ଆହ୍ୱାନ କରିଛି। ଆମେରିକା, ଚୀନ୍ ଏବଂ ସାଉଦି ଆରବ ଭଳି ଦେଶ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ଏକ ବିନାଶକାରୀ ଯୁଦ୍ଧ ଯାହା ଫଳରେ ଜୀବନ ଏବଂ ସମ୍ପତିର ଯଥେଷ୍ଟ କ୍ଷତି ହୋଇଛି। ଏହି ଅଂଚଳରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଏକାଠି କାମ କରିବାକୁ ପଡିବ।

୧. 'ସଂଘରତି ବିରତି': ଉଭୟ ଦେଶକୁ ଯୁଦ୍ଧବିରତି ପାଇଁ ରାଜି ହେବା ଏବଂ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କାମ କରିବା ଆବଶ୍ୟକ।

୨. 'ସଂଳାପ': ଭାରତ ଏବଂ ପାକିସ୍ତାନକୁ ସେମାନଙ୍କର ମତଭେଦ ସମାଧାନ ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନାରେ ସାମିଲ ହେବା ଆବଶ୍ୟକ।

୩. 'ଆନ୍ତର୍ଜାତୀୟ ସମର୍ଥନ': ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଶାନ୍ତି ଆଲୋଚନା ଏବଂ ଆତ୍ମବିଶ୍ୱାସ ନିର୍ମାଣ ପଦକ୍ଷେପ ପାଇଁ ସମର୍ଥନ ଏବଂ ସୁବିଧା ଯୋଗାଇବା ଆବଶ୍ୟକ।

ସଂଘର୍ଷର ଏକ ବିସ୍ତୃତ ବିଶ୍ଳେଷଣ ବର୍ତ୍ତମାନର ପରିସ୍ଥିତିରେ ଅବଦାନ ରଖିଥିବା ଐତିହାସିକ, ରାଜନୈତିକ ଏବଂ ରଣନୈତିକ କାରଣଗୁଡ଼ିକର ଏକ ଜଟିଳ ଜାଲ ପ୍ରକାଶ କରେ। ଏହି ସଂଘର୍ଷ କେବଳ କ୍ଷେତ୍ରୀୟ ବିବାଦ ବିଷୟରେ ନୁହେଁ, ବରଂ ଆଦର୍ଶଗତ ପାର୍ଥକ୍ୟ ଏବଂ ଆଂଚଳିକ ପ୍ରଭାବ ପାଇଁ ପ୍ରତିଯୋଗିତା ବିଷୟରେ ମଧ୍ୟ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ରେଭେନ୍ସା କଲେଜ ଉପରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଅପ୍ରାସଙ୍ଗିକ ଓ ଅଭିସନ୍ଧିମୂଳକ

**ଯୁଧିଷ୍ଠିର ମହାପାତ୍ର**

ରେଭେନ୍ସା କଲେଜର ନାମକୁ ନେଇ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟକୁ ମୁଁ ବିରୋଧ କରୁଛି। କାରଣ ଏହା ବ ର୍ମାନ ସମୟରେ ଅପ୍ରାସଙ୍ଗିକ ଓ ଅରୁଚିକର। ଟି.ଇ ରେଭେନ୍ସା ଓ ରେଭେନ୍ସା କଜେଲ ଏକ ଓ ଅଭିନ୍ନ। ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ରେଭେନ୍ସା କଲେଜ ଏକ ମାଇଲ୍ ଖୁଣ୍ଟ। ସେତେବେଳର ଓଡ଼ିଶା କମିଶନର ଟି.ଇ ରେଭେନ୍ସାଙ୍କ ଶିକ୍ଷାର ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ଓ ନିରାଷ୍ଟାପର ଉଦ୍ୟମ ଯୋଗୁଁ ରେଭେନ୍ସା କଲେଜ ଆଜି କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଗୋଟିଏ ଅଗ୍ରଣୀ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିଛି। ଟି.ଇ ରେଭୋନ୍ସାଙ୍କୁ ନଅଙ୍କ ଦୁର୍ଭିକ୍ଷ ପାଇଁ ଦାୟୀ କରି ତାର ନାମ ପରିବ ର୍ନ କରିବା ପାଇଁ ଆହ୍ୱାନ ଦେବା ଅବିମୃଶ୍ୟକାରିତା ଛଡ଼ା ଅନ୍ୟ କିଛି ନୁହେଁ। ଧର୍ମେନ୍ଦ୍ର ବାବୁଙ୍କ ଭଳି କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପକ୍ଷେ ଏଭଳି କହିବା ଠିକ୍ ହୋଇନାହିଁ। ଓଡ଼ିଶାର ବୌଦ୍ଧିକ ବିକାଶ କ୍ଷେତ୍ରରେ କମିଶନର ରେଭେନ୍ସାଙ୍କ ଅବଦାନକୁ ନ୍ୟୁନ କରିବା ଓଡ଼ିଶାର ମହାନୁଭବତାର ବିରୋଧି। ତାହେଲେ ମହାମାରୀ କୋଭିଡ଼ରେ ଅସଂଖ୍ୟ ମୃତାହତଙ୍କ ପାଇଁ କାହାକୁ ଦାୟୀ କରାଯିବ କୁହନ୍ତୁ ? କଟକ ସହର, ରେଭେନ୍ସା କଲେଜ, କଟକର ବଡ଼ ମେଡ଼ିକାଲ, ବାରବାଟୀ ଦୁର୍ଗ ଓଡ଼ିଶା ସ୍ୱାଭିମାନର ଗୋଟିଏ ଗୋଟିଏ ପ୍ରତୀକ। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଯୋଗୁ ଖାଇବାକୁ ନ ପାଇ ଲକ୍ଷାଧିକ ଲୋକଙ୍କର ଜୀବନହାନୀ ଘଟିବା ଆମ ସମସ୍ତଙ୍କ ପାଇଁ ଦୁଃଖଦ ବିଷୟ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଘଟଣା ଘଟିଥିଲା ୧୮୬୬ ମସିହାରେ। ତାର ପ୍ରାୟ ୮୦/୮୧ ବର୍ଷ ପରେ ଦେଶ ସ୍ୱାଧୀନ ହେଲା। ପୁଣି ଆଜକୁ ସେ ଘଟଣାର ୧୫୦ ବର୍ଷରୁ ବେଶୀ ସମୟ ବିତିଗଲାଣି। ଏତେଦିନ ପରେ ଏକଥା କହିବାର ମାନେ କ'ଣ ? ପୁଣି ମନେ ରଖିବା ଦରକାର ଯେ, ଦେଶ ପରାଧୀନ ଥିଲାବେଳେ ଇଂରେଜ ସରକାରଙ୍କ ଓଡ଼ିଶା କମିଶନର ବି ଜଣେ ବିଦେଶୀ ଥିଲେ। ତଥାପି ଓଡ଼ିଶା ପ୍ରତି ତାଙ୍କର ଅବଦାନ, ଶିକ୍ଷାର ପ୍ରସାର ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ଓଡ଼ିଆ ଭାଷା ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏକ ନିର୍ଣ୍ଣାୟକ ମୋଡ଼ରେ ପହ ୍ଥିଲା। ପରବ ର୍ୀ ରେଭେନ୍ସାରେ ପାଠ ପଢି କୃତିତ୍ୱ ଅର୍ଜନ କରିଥିବା ବରପୁତ୍ରମାନେ ତାକୁ ଆଗେଇ ନେବା ଫଳରେ ଆଜି ଆମେ ଏଠାରେ ପହ ୍ଛେ। ପରାଧୀନ ଭାରତରେ ବିଦେଶୀ ଶାସନକୁ ସମର୍ଥନ ଦେବା ଓ ଆଜି ଜଣେ ଦକ୍ଷ ସଚ୍ଚୋଟ ଅଫିସରଙ୍କୁ ନିନ୍ଦା କରିବା ଏଭଳି ୟୁଟର୍ଣ୍ଣ କାହିଁକି ?

ଟି.ଇ ରେଭେନ୍ସାଙ୍କର ବ୍ୟକ୍ତିତ୍ୱର ଦୁଇଟି ଦିଗକୁ ବିଚାର କରିବାର ଆବଶ୍ୟକତା ରହିଛି। ଗୋଟିଏ ହେଲା ତାଙ୍କ ସମୟରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷରେ ତାଙ୍କର ଭୂମିକା ଓ ଅନ୍ୟଟି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ। ୧୮୬୫ ମସିହାରେ ସେ ଓଡ଼ିଶାର କମିଶନର ଦାୟିତ୍ୱ ନେଲେ। ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା। ଦୀର୍ଘଦିନ ଧରି ବର୍ଷା ନହେବା, ଧାନ ଉତ୍ପାଦନ କମିବା, ଚାଉଳ ନ ମିଳିବା ଏହାର ମୁଖ୍ୟ କାରଣ। ସେତେବେଳର ଅବସ୍ଥା, ପରିବେଶକୁ ନ ବୁଝି ଏଥିପାଇଁ ୨୦୨୪ ମସିହାରେ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ। ଯଦିଓ କମିଶନର ରେଭେନ୍ସା ନିଜେ ଦୁର୍ଭିକ୍ଷର ପରିଣାମ ନିଜ ମୁଣ୍ଡକୁ ନେଇଛନ୍ତି ଓ ଅନୁତାପ ମଧ୍ୟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଏହା ଘଟିଲା, ତାହା ବିଚାର କଲେ କଥାଟି ଆହୁରି ପରିଷ୍କାର ହୋଇଯିବ। ଏଭଳି ପ୍ରାକୃତିକ ବିପର୍ଯ୍ୟୟ କେବେ ଆଗରୁ ଘଟିନଥିଲା। ତେଣୁ ଇଂରେଜ ସରକାରଙ୍କର ଅଭିଜ୍ଞତା ମଧ୍ୟ ଏ ଦିଗରେ କମ୍ ଥିଲା। ଯୋଗାଯୋଗର ମାଧ୍ୟମ ଅତ୍ୟନ୍ତ ଦୁର୍ବଳ ଥିଲା। ସଡ଼କ ପଥ କଲିକତାରୁ ପୁରୀ ନାନା ଭାବରେ ଖଣ୍ଡିତ ଥିଲା। ଫୋନ୍ ନଥିଲା, ଟେଲିଗ୍ରାମ ଓ ଚିଠି ସରକାରୀ କାର୍ଯ୍ୟର ମାଧ୍ୟମ ଥିଲା। ସେହି ସମୟରେ ପୁରୀ କଲେକ୍ଟର ବାର୍ଲୋଙ୍କ ପରାମର୍ଶକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିଥିଲେ ନଅଙ୍କ ଦୁର୍ଭିକ୍ଷର ଭୟାବହତାକୁ କମାଯାଇ ପାରିଥାନ୍ତା। କମିଶନରଙ୍କୁ ଯେଉଁ ତଥ୍ୟ ଅନ୍ୟ ସରକାରୀ କର୍ମଚାରୀମାନେ ଦେଇଥିଲେ ତାହା ଥିଲା ଏହିଭଳି। ଓଡିଶାରେ ରାଜା, ଜମିଦାର, ମଠ ଓ ଚାଉଳ ବେପାରୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ ରହିଛି ଯାହା ଆବଶ୍ୟକସ୍ଥଳେ ବ୍ୟବହାର କରାଯାଇ ପାରିବ। ତେଣୁ ଦୁର୍ଭିକ୍ଷ ବେଳେ ଚାଉଳ ବାହାରୁ ଆଣି ମହଜୁଦ କରିବାର ଆବଶ୍ୟକତା ସେତେବେଶି ଅନୁଭବ କରାଯାଇ ନଥିଲା। କିନ୍ତୁ ଦୁର୍ଭିକ୍ଷ ବଡ଼ ସଙ୍ଗୀନ ଥିଲା ଓ ଅବସ୍ଥା ବିଗୁଡୁ ଥିଲାବେଳେ ବାହାରୁ ଚାଉଳ ଆଣିବା ପାଇଁ ଉଦ୍ୟମ କରିବା ଓ ବିଭିନ୍ନ କାରଣରୁ ତାହା ବ୍ୟାହତ ହେବାକୁ ଲାଗିଲା। ଯଥା ଅତ୍ୟଧିକ ବର୍ଷା, ପ୍ରବଳ ବନ୍ୟା, ବନ୍ଧବାଡ଼ ଭାଙ୍ଗିବା ଓ ଝଡ଼ ଯୋଗୁ ଏହା ଧୀରେ ଧୀରେ ଅସମ୍ଭବ ହୋଇ ପଡ଼ିଥିଲା। ଉଡ଼ାଜାହାଜରେ ଚାଉଳ ଆଣିବାର ଅସମ୍ଭବ ଥିଲା। କେବଳ ଜଳପଥର ଉପଯୋଗ କରି ଚାଉଳ ପୁରୀ ଓ ଓଡ଼ିଶାର ଅନ୍ୟାନ୍ୟ ଜାଗାକୁ ଅଣାଯାଇଥିଲା। କିନ୍ତୁ ଷ୍ଟିମର ଓ ଜାହାଜରେ ଆସିଥିବା ଚାଉଳ ପ୍ରତିକୂଳ ପାଗ, ସମୁଦ୍ର କୂଳରେ ବଡ଼ ବଡ଼ ଢେଉ ଓ ବର୍ଷା ଯୋଗୁ ପୁରୀରେ ଅନଲୋଡ଼ ହୋଇପାରିଲା ନାହିଁ। ପୋଢ ବା ହୁଲି ଡଙ୍ଗା ଭାଙ୍ଗିଯିବା, ବୁଡ଼ିଯିବା, ଚଳକ, ନୋଳିଆ ମରିଯିବା, ଚାଉଳ ପାଣିରେ ପଡ଼ି ନଷ୍ଟ ହେବା ଯୋଗୁ ଚାଉଳ ଯୋଗାଣରେ ପ୍ରବଳ ବ୍ୟାଘାତ ଦେଖାଦେଲା। ଏପରିକି ଅନଲୋଡ଼ ହୋଇଥିବା କମ୍ ଚାଉଳ ମଧ୍ୟ ସମୁଦ୍ର କୂଳରୁ ପୁରୀକୁ ପ୍ରବେଶ କରିପାରିଲା ନାହିଁ। ସମସ୍ତ ଉଦ୍ୟମ ସ ୍ୱ ଏହା ଫେଲ୍ ମାରିବାରୁ ଜାହାଜ ବ୍ରହ୍ମପୁରକୁ ଫେରିଗଲା ଓ ଲୋକେ ଖାଇବାକୁ ପାଇଲେ ନାହିଁ। ପରେ କଲିକତା ଓ ଦାର୍ଜିଲିଂରୁ ଚାଉଳ ମଧ୍ୟ ଅଣାଯାଇଥିଲା। 'ଦେଶ, କାଳ, ପାତ୍ର' ବହିର ଲେଖକ ଐତିହାସିକ ଜଗନ୍ନାଥ ପ୍ରସାଦ ଦାସ ଓ ସେତେବେଳର ଅନେକ ଲେଖକ, ଐତିହାସିକ ନିଜ ନିଜର ଜୀବନୀରେ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଏହା ଉଲ୍ଲେଖ କରିଛନ୍ତି। ଏହା ହିଁ ଐତିହାସିକ ସତ୍ୟ, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏ ସମସ୍ତ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧାନ କଲେ ନଅଙ୍କ ଦୁର୍ଭିକ୍ଷ ବିଭୀଷିକାକୁ ସାମ୍ନା କରିବା କେତେ ଯେ କଷ୍ଟକର ବ୍ୟାପାର ତାହା ଅନୁମାନ କରାଯାଇପାରେ। ଓଡ଼ିଶାର ମଠ, ଜମିଦାର, ରାଜା, ଚାଉଳ ବେପାରୀ, ବଡ଼ ବଡ଼ ଧନୀଲୋକଙ୍କର ଅମାରରୁ ଚାଉଳ ସଂଗ୍ରହ କରି ସାଧମତେ ବଣ୍ଟାଯାଇଛି। ବିଭିନ୍ନ ଜାଗାରେ ପ୍ରଶାସନର ଉଦ୍ୟମ ଯୋଗୁ ଅନ୍ନଛତ୍ର, ଚାଉଳ ବିକ୍ରି, ମାଗଣା ଚାଉଳ ମଧ୍ୟ ବଣ୍ଟାଯାଇଛି। ଏ ସମସ୍ତ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ଥିଲା। ଫଳରେ ଓଡ଼ିଶାର ଲୋକେ ଅକାଳରେ ମରିଛନ୍ତି, ଏହା ସ୍ୱୀକାର୍ଯ୍ୟ। ଏଥିପାଇଁ କେବଳ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ।

ଅନ୍ୟ ଦିଗଟି ହେଲା ରେଭେନ୍ସାଙ୍କ ଉଦ୍ୟମରେ ୧୮୬୮ ମସିହାରେ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ହୋଇଥିବା ଉଦ୍ୟମ ଓ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେତେବେଳେ ରେଭେନ୍ସା ଅନୁଭବ କରିପାରିଥିଲେ ଯେ, ଅଶିକ୍ଷା ଯୋଗୁ ଓଡ଼ିଶାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ତାଙ୍କର ନିଷ୍ଠାପର ଉଦ୍ୟମ ବଳରେ କଟକରେ ପ୍ରାଇମେରୀ ସ୍କୁଲ, ସେକେଣ୍ଡାରୀ ସ୍କୁଲ, କଲେଜିଏଟ ସ୍କୁଲ, ନର୍ସିଂ ସ୍କୁଲ, ବନ୍ଦୋବସ୍ତ ପାଇଁ ସର୍ଭେ ସ୍କୁଲ, ନାରୀ ଶିକ୍ଷା ପାଇଁ ବାଳିକା ବିଦ୍ୟାଳୟ, ଶିକ୍ଷକମାନଙ୍କ ଟ୍ରେନିଂ ପାଇଁ ସ୍କୁଲ, ଇଞ୍ଜିନିୟରିଂ ସ୍କୁଲ, ମେଡ଼ିକାଲ ସ୍କୁଲ୍ ପ୍ରତିଷ୍ଠା ଏକ ଏକ ଯୁଗାନ୍ତକାରୀ ଘଟଣା। ତତ୍କାଳୀନ ରାଜା ଜମିଦାର ମାନଙ୍କୁ ପ୍ରବ ର୍ାଇ ଶିକ୍ଷାନୁଷ୍ଠାନ ପାଇଁ ଚାନ୍ଦା ସଂଗ୍ରହ କରିବା, ଯାହାର ଫଳସ୍ୱରୂପ କନିକା ରାଜାଙ୍କ ଦ୍ୱାରା ରେଭେନ୍ସା କଲେଜର କନିକା ଲାଇବ୍ରେରୀ ପ୍ରତିଷ୍ଠା, ମୟୁରଭଞ୍ଜ ରାଜା ସାହେବ କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ରେଭେନ୍ସା କଲେଜ ପାଇଁ ପର୍ଯ୍ୟାପ୍ତ ଦାନ ସଂଗ୍ରହ, ଏହାଛଡ଼ା ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କ ଲୋକଙ୍କ ଠାରୁ ଚାନ୍ଦା ପାଇଁ ଅହରହ ଉଦ୍ୟମ କମିଶନରଙ୍କ ଶିକ୍ଷାର ପ୍ରସାର ପାଇଁ ଏକ ଏକ ମାଇଲ୍ ଖୁଣ୍ଟ। କେବଳ କଟକ ନୁହେଁ, ଓଡ଼ିଶାର ବିଭିନ୍ନ ଅ ଳରେ ସ୍କୁଲ୍ ପ୍ରତିଷ୍ଠା ପାଇଁ ଏକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଆ ମାଧ୍ୟମ ସ୍କୁଲ୍ ପାଇଁ ଅଲଗା ଭାବେ ସ୍କୁଲ୍ ଇନିସ୍‌ପେକ୍ଟରର ପଦବୀ ସୃଷ୍ଟି କରିବା ତାଙ୍କର ଅବଦାନ ଥିଲା। ଫଳରେ ଓଡ଼ିଶା ପାଇଁ ସର୍ବପ୍ରଥମ ଇନିସ୍‌ପେକ୍ଟର ଭାବେ ରାଧାନାଥ ରାୟଙ୍କ ଭଳି ଓଡ଼ିଆଙ୍କୁ ଏହି ପଦବୀରେ ଅଧିଷ୍ଠିତ କରାଯାଇଥିଲା। ସବ୍‌ଡିଭିଜନମାନଙ୍କରେ ସବ୍-ଇନିସପେକ୍ଟର ପଦବୀ ସୃଷ୍ଟି କରିବା ଓ ବିନା ବାଧାରେ ଶିକ୍ଷାକୁ ସାଧାରଣ ଲୋକଙ୍କ ପାଖରେ ପହ ାଇବା ପାଇଁ ନିରନ୍ତର ଉଦ୍ୟମ କରାଯାଇଥିଲା। ଓଡ଼ିଆ ବ୍ୟାକରଣ ପୁସ୍ତକର ପ୍ରକାଶନ, ଓଡ଼ିଆ ଭାଷା ବଙ୍ଗଳା ଭାଷାର ଉପଭାଷା ନୁହେଁ, ଏହା ସଂସ୍କୃତରୁ ସୃଷ୍ଟି ବୋଲି ସ୍ପଷ୍ଟ କରିବା ଓ ଓଡ଼ିଆ ଭାଷାକୁ ସାମଗ୍ରିକ ଭାବେ ପ୍ରୋତ୍ସାହନ ଦେବା ଯୋଗୁ କମିଶନର ରେଭେନ୍ସା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ। ପରବ ର୍ୀ କାଳରେ ଫକୀର ମୋହନ ସେନାପତି, ଗୋଦାବରୀଶ ମିଶ୍ର, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋପୀନାଥ ମହାନ୍ତି, କାଳନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି ଆଦି ପ୍ରବୀଣ ଲେଖକ, ସାହିତ୍ୟିକ, ଐତିହାସିକ, ଗାଳ୍ପିକ, ଉପନ୍ୟାସିକଙ୍କ ଦ୍ୱାରା ଓଡ଼ିଆ ଭାଷା ଋଦ୍ଧିମନ୍ତ ଓ ବିକଶିତ ହେଲା। ମିଶନାରୀ ମାନଙ୍କ ଦ୍ୱାରା ଛାପାଖାନା ପ୍ରତିଷ୍ଠା, ଉତ୍କଳ ଦୀପିକା ଆଦି ଖବରକାଗଜ ପ୍ରତିଷ୍ଠା ଏ ଦିଗରେ ସମସ୍ତଙ୍କର ମିଳିତ ଉଦ୍ୟମକୁ ପ୍ରଶଂସା କରିବାକୁ ହେବ। ରେଭେନ୍ସାଙ୍କର ଏହି ନିଷ୍ଠାପର ଓ ଉତ୍ସର୍ଗୀକୃତ କାର୍ଯ୍ୟକୁ ହୃଦୟଙ୍ଗମ କରି ମୟୁରଭଞ୍ଜ ରାଜା ସାହେବ କଟକ କଲେଜକୁ ରେଭେନ୍ସାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ସମସ୍ତେ ଗ୍ରହଣ କରିନେଇଥିଲେ। କମିଶନରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ମୃତପ୍ରାୟ ଶିକ୍ଷା ବ୍ୟବସ୍ଥାର ଅଭୁତପୂର୍ବ ପ୍ରସାର ଘଟିଲା।

ଶିକ୍ଷା କ୍ଷେତ୍ରରେ ବଜେଟର ୧୦ଭାଗ ଖର୍ଚ୍ଚ କରିବା, ସାରା ଦେଶରେ ଏକ ପ୍ରକାର ମାଗଣା ଶିକ୍ଷାର ପ୍ରଚଳନ କରିବା, ଶିକ୍ଷାରେ ବ୍ୟବସାୟୀକରଣ ନ କରିବା, କୁସଂସ୍କାର, ଅନ୍ଧବିଶ୍ୱାସକୁ ହଟାଇ ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା, ଏଥିପାଇଁ ପ୍ରୋତ୍ସାହନ ଦେବା ଦିଗରେ ଧର୍ମେନ୍ଦ୍ର ବାବୁ କାର୍ଯ୍ୟ କଲେ ସମସ୍ତେ ନିଶ୍ଚୟ ପ୍ରଶଂସା କରିବେ, ଯାହା ହେଉନାହିଁ। ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପାଳନରେ ଟାଳଟଳୁ ନୀତି ଗ୍ରହଣ କରାଯାଉଛି ଓ ସାମ୍ବିଧାନିକ ଅଧିକାର ଆଜି ସୁରକ୍ଷିତ ନୁହେଁ। ସେ ଦିଗରେ କାର୍ଯ୍ୟ ନକରି ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା, ରେଭେନ୍ସାଙ୍କୁ ଦୋଷ ଦେବା, ରେଭେନ୍ସା କଲେଜର ନାମ ପରିବ ର୍ନ କରିବା ପାଇଁ ପ୍ରସ୍ତାବ ଦେବା ଓ ଏହାକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ିବା ଆଦୌ ଠିକ୍ ନୁହେଁ। ରେଭେନ୍ସା କଲେଜ ସହ ଓଡ଼ିଆ ଅସ୍ମିତା ଏକ ଓ ଅଭିନ୍ନ ହୋଇଯାଇଥିବା କାରଣରୁ ଧର୍ମେନ୍ଦ୍ର ବାବୁଙ୍କ ଏଭଳି ମନ୍ତବ୍ୟ ବରଂ ଓଡ଼ିଆ ଅସ୍ମିତାକୁ କ୍ଷୁର୍ଣ୍ଣ କରୁଛି। ଏହି ମନ୍ତବ୍ୟ ଯୋଗୁ ରେଭେନ୍ସା କଲେଜ ସହ ସମ୍ପୃକ୍ତ ଛାତ୍ର, ଅଧ୍ୟାପକ କେବଳ ନୁହଁନ୍ତି, ବରଂ ସମସ୍ତ ଓଡ଼ିଶାବାସୀ ଅପମାନିତବୋଧ କରୁଛନ୍ତି।

ଯେଉଁ ବିଜେପି ବନ୍ଧୁମାନେ ଦେଶ, କାଳ, ପାତ୍ର ବହିର ନଜିର ଦେଉଛନ୍ତି, ତାହାର ପ୍ରଥମ ସଂସ୍କରଣ ୧୯୯୨ରେ ହୋଇଥିଲା ଓ ୨୦୧୪ ସୁଦ୍ଧା ତାହାର ପ ମ ସଂସ୍କରଣ ବାହାରି ସାରିଛି। ଏତେ ଡେରିରେ ତାକୁ ପଢିବା ଓ ତାହାର କଦର୍ଥ କରିବା ଠିକ୍ ନୁହେଁ। ଦେଶ, କାଳ, ପାତ୍ର ବହିର ଲେଖକଙ୍କ ମତରେ ରେଭେନ୍ସା ଜଣେ ଉ ମ ସ୍ୱଭାବର ଲୋକ ଥିବା କଥା କହିବା ସହ ତାଙ୍କ କାର୍ଯ୍ୟ କରିବାର ତରିକା ଭିଭି ଭିନ୍ନ ହେବା ସ୍ୱଭାବିକ ବୋଲି ବର୍ଣ୍ଣନା କରିଛନ୍ତି।

ଏଠି ଆଉ ଗୋଟିଏ କଥା ଅବତାରଣା କରିବା ଅସମୀଚିନ ହେବ ନାହିଁ। ଇଂରେଜ ଶାସନ ଅମଳରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର ବିଭୀଷିକା ପାଇଁ ତତ୍କାଳୀନ କମିଶନରଙ୍କୁ ଦୋଷ ଦେବା ଓ ବିଜେପି ମତାଦର୍ଶରେ ବିଶ୍ୱାସ କରୁଥିବା ତଥାକଥିତ ଦେଶପ୍ରେମୀ ଇଂରେଜ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାରେ ନଜିର ନାହିଁ କାହିଁକି ? ପୁଣି ଯେଉଁ ଜଣେ ଅଧେ ଭାଗ ନେଇଥିଲେ, ସେମାନେ ମୁଚୁଲିକା ଲେଖି ଜେଲରୁ ଖଲାସ ହେବା କେଉଁ ଅସ୍ମିତାର ପରିଚୟକ ? ଇଂରେଜଙ୍କୁ ସେମାନଙ୍କ ଶାସନ କାଳରେ ସାହାଯ୍ୟ କରିବା, ସ୍ୱାଧୀନତା ଆନ୍ଦୋଳନକୁ ଅଯଥା କହିବା କେଉଁ ଅସ୍ମିତା ? ଭଗତ ସିଂଙ୍କୁ ଉପଯୁକ୍ତ ସମ୍ମାନ ନଦେବା, ଜାତିର ଜନକ ମହାତ୍ମା ଗାନ୍ଧିଙ୍କୁ ଗୁଳି କରିଥିବା ବ୍ୟକ୍ତିଙ୍କୁ ନିନ୍ଦା ନକରିବା, ଶହୀଦର ମାନ୍ୟତା ଦେବା କେଉଁ ମହାଭାରତୀୟ ଅସ୍ମିତା ? ପୁଣି ଗୁଜୁରାଟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ଥିବା ଷ୍ଟାଡ଼ିୟମକୁ ନିଜ ନେତାଙ୍କ ନାମରେ ନାମିତ କରିବା, ମୋଗଲ ସରାଇ ଷ୍ଟେସନର ନାମକୁ ବଦଳାଇ ଦେବା କ'ଣ ପ୍ରଗତିର ଲକ୍ଷଣ ? ତେଣୁ ରେଭେନ୍ସାଙ୍କ ଅବଦାନକୁ ୧୫୬ ବର୍ଷ ପରେ ନ୍ୟୁନ କରିବା ପାଇଁ ଉଦ୍ୟମ କରିବା ଓ ରେଭେନ୍ସା କଲେଜର ନାମ ପରିବ ର୍ନ କରିବା ପାଇଁ ପ୍ରସ୍ତାବ ଦେବା ବ ର୍ମାନ ସମୟରେ କେବଳ ଅପ୍ରାସଙ୍ଗିକ ନୁହେଁ, ଅଭିସନ୍ଧିମୂଳକ।

*ରେଭେନ୍ସାର ପୂର୍ବତନ ଛାତ୍ର*

# ନୀରବ ସାକ୍ଷୀ


**ଅନୀତା ପଟ୍ଟନାୟକ**

ଗୁଡ଼ାଏ ବଗୁଲିଆ ପିଲା ପୁରୁଣା ସାଇକେଲ ଟାୟାର ଗାଁରେ ନୂଆ ନୂଆ ତିଆରି ହୋଇଥିବା ବିଜୁଳୀବତୀ ଖୁଣ୍ଟି ତଳେ ନିଆଁ ଲଗାଉଥିଲେ। ମୁଁ ଦେଖିଲି ବିଜୁଳିବତୀ ଖୁଣ୍ଟି ତଳେ ଘୂର୍ଣ୍ଣିବାତ୍ୟା ଭଳି ଛୋଟ ଛୋଟ ପତଙ୍ଗ ଉଡିବୁଲୁଛନ୍ତି। ମୁଁ ପିଲାଙ୍କୁ ପଚାରିଲି ପିଲମାନେ ତୁମେ ଟାୟାର କାହିଁକି ଜାଳୁଛ ? ସେମାନେ କହିଲେ, ବିଜୁଳିବତୀ ନଥିବା ସମୟରେ ବିଜୁଳିବତୀ ଖୁଣ୍ଟି ତଳେ ଉଡି ବୁଲୁଥିବା କୀଟପତଙ୍ଗ ଗୁଡ଼ିକ ଗଛ ଓ ବୁଦାମୂଳେ ଲୁଚି ରହିଥିଲେ। ଏବେ ଏବେ ଆମ ଘରକୁ ଆଲୁଅ ଆସିଥିବାରୁ ସେ ଆଲୁଅକୁ ଦେଖି କୀଟପତଙ୍ଗ ଗୁଡ଼ିକ ଘରେ ପଶୁଛନ୍ତି। ସେମାନେ ମତେ ବୁଝାଇ କହିଲେ, ଦୀପାବଳୀ ପୂର୍ବରୁ ଓ ଦୀପାବଳୀ ଦିନ ଏହି କୀଟପତଙ୍ଗ ଗୁଡ଼ାକୁ ନଷ୍ଟ କରିବାକୁ ପଡ଼େ ନଚେତ ଏଗୁଡ଼ାକ ଘରେ ଘରେ ପଶିଯିବେ ଓ ଘରେ ଲାଇଟ ଲିଭାଇବା ପରେ ଖଟରେ ଚଢ଼ି ଆମ କାନରେ ପଶିବେ।

ଏହି ସମୟରେ ଗୋଟେ ବଗୁଲିଆ ପିଲା ଟାୟାର ଉପରେ କିରୋସିନ ଢ଼ାଳି ଦିଆସିଲିରେ ଅଗ୍ନି ସଂଯୋଗ କଲା। ଟାୟାର ଗୁଡ଼ିକ ହୁତହୁତ ହୋଇ ଜଳି ଉଠିଲେ। ଭାବିଥିଲି ଷଡ଼ କୀଟପତଙ୍ଗ ଗୁଡ଼ିକ ନିଆଁକୁ ଦେଖି ଡରି ଅନ୍ୟ ବିଜୁଳି ଖୁଣ୍ଟି ନିକଟକୁ ଚାଲିଯିବେ କିନ୍ତୁ ଏ କ'ଣ ? ଘୂର୍ଣ୍ଣିବାତ୍ୟା ଭଳି ବୁଲୁଥିବା କୀଟପତଙ୍ଗ ଗୁଡ଼ିକ ବିଜୁଳିବତୀ ଆଲୁଅ ପାଖରୁ ତଳମୁହାଁ ହୋଇ, ଅଗ୍ନିରେ ନିଜକୁ ନିକ୍ଷେପ କରି ଶେଷ କରିଦେଉଥାନ୍ତି। ସେହିଦିନ ମୁଁ ବୁଝି ପାରିଥିଲି, ଶିକ୍ଷକ ଆମକୁ କାହିଁକି କହନ୍ତି 'ଭଲ କାମ କର, ଭଲ ଦେଖ ଓ ଭଲ କୁହ'। ଅନିରୁଦ୍ଧ ସାର, ପାଠ ପଢ଼ାଉଥିଲାବେଳେ କହୁଥିଲେ 'ଯେପରି ଦୃଷ୍ଟି, ସେପରି ସୃଷ୍ଟି'। ସେ କହୁଥିଲେ କର୍ମର ପ୍ରତିକ୍ରିୟା ଥାଏ। କେତେକ କର୍ମର ଫଳ ସଙ୍ଗେ ସଙ୍ଗେ ମିଳିଯାଇଥାଏ ଓ କେତେକ କର୍ମର ଫଳ ଡେରିରେ ମିଳିଥାଏ। ଆମେ କରିଥିବା ଖରାପ କର୍ମ, ଯାହା ସମାଜ ଦ୍ୱାରା ବା ଆଇନ ଦ୍ୱାରା ଅନୁମୋଦିତ ନୁହେଁ, ଭୁଲିଯାଇ ପାରୁ କିନ୍ତୁ ସମୟ ଭୁଲେ ନାହିଁ। ତାହାର ଫଳ ଆମକୁ ଦିନେ ନା ଦିନେ ଭୋଗ କରିବାକୁ ପଡ଼େ। କାରଣ ବିଜ୍ଞାନ କୁହେ ପ୍ରତ୍ୟେକ କର୍ମରେ ସମାନ ଓ ବିପରୀତ ପ୍ରତିକ୍ରିୟା ହୋଇଥାଏ। ମୁଁ ସେ ଦିନ ଅନିରୁଦ୍ଧ ସାରଙ୍କୁ ପଚାରିଥିଲି, 'ସାର ! ଆପଣତ କହୁଥିଲେ ଆମ ସମସ୍ତଙ୍କ ମଧ୍ୟରେ ଆତ୍ମା ବିଦ୍ୟମାନ, ସେ ହିଁ ଆମ ଇନ୍ଦ୍ରିୟ ମାନଙ୍କୁ ଚଳାଉଛନ୍ତି। ଯଥା ଆଖି ମାଧ୍ୟମରେ ସେ ଦେଖନ୍ତି, କାନ ମାଧ୍ୟମରେ ସେ ଶୁଣନ୍ତି, ପାଟି ମାଧ୍ୟମରେ ସେ ସ୍ୱର ସୃଷ୍ଟି କରନ୍ତି ଓ ଖାଦ୍ୟ ଖାଆନ୍ତି। ନାକ ମାଧ୍ୟମରେ ସେ ଘ୍ରାଣ କରିଥାନ୍ତି ଓ ଚର୍ମ ମାଧ୍ୟମରେ ସ୍ପର୍ଶନ ଦ୍ୱାରା ସବୁ ଅନୁଭବ କରିପାରିଥାନ୍ତି। ସେ ଦିନ ଟାୟାର ଜାଳୁଥିବା ମୋର ଗୋଟିଏ ବଗୁଲିଆ ବନ୍ଧୁ ଶ୍ରେଣୀରେ ପଚାରିଥିଲା ସାର ! ଆମେ କର୍ମେନ୍ଦ୍ରିୟ ଦ୍ୱାରା ଦୁଷ୍କାମୀ କାମ କରୁଥିବାବେଳେ ଆମ ଭିତରେ ଥିବା ଭଗବାନ ବା ଆତ୍ମା କ'ଣ କରୁଥାନ୍ତି ? ଏହାର ଉତ୍ତର ରଖି ଅନିରୁଦ୍ଧ ସାର କହିଥିଲେ, 'ଆତ୍ମା ଏକ ଶାଶ୍ୱତ ବ୍ରହ୍ମ।' ଆମର ଖରାପ କର୍ମର ସେ ହେଉଛନ୍ତି ନୀରବଦ୍ରଷ୍ଟା। ସେଥି ନିମନ୍ତେ ଆମେ କିପରି ଖରାପ କାମ କରିବା ନାହିଁ ଓ ମନ ମଧ୍ୟରେ ଗର୍ବ ଆଣିବା ନାହିଁ, ଭଗବାନ ଆମକୁ ବୁଦ୍ଧିପରି ଏକ ପବିତ୍ର ଜିନିଷ ଶରୀର ମଧ୍ୟରେ ବ୍ୟବହାର କରିବାକୁ ଦେଇଛନ୍ତି। ଡାକ୍ତର ସିନା ବଡ଼ପଣ ଦେଖାଇ କୁହେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ରୋଗୀକୁ ଭଲ କରିବାକୁ ଚେଷ୍ଟା କରୁଛି। ସେହି ସମୟରେ ନୀରବଦ୍ରଷ୍ଟା ହସୁଥାନ୍ତି କାରଣ ସେ ଜାଣିଥାନ୍ତି ଏ ରୋଗୀର ରକ୍ଷାକର୍ତ୍ତା ମୁଁ। କିନ୍ତୁ ଡାକ୍ତର ବାହାସ୍ଫୋଟ ମାରି କହୁଛି ମୁଁ ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ସରକାର ଖାଦ୍ୟ ଦେଇ ଲୋକଙ୍କର ଦାରିଦ୍ର୍ୟ ଦୂର କରିବାକୁ ଚେଷ୍ଟା କରୁଛି। କିନ୍ତୁ ପ୍ରକୃତ ରକ୍ଷାକର୍ତ୍ତା ଓ ଦାତା ହେଉଛନ୍ତି ଭଗବାନ। ସେ ଦିନର ବଗୁଲିଆ ପିଲାଙ୍କର ଟାୟାର ଜଳା ମୋ ଭିତରେ ଭୟ ସଂଚାର କଲା। କୀଟ ପତଙ୍ଗ ମାନଙ୍କର ଏକ ପ୍ରଚଣ୍ଡ ଦୃଷ୍ଟିଶକ୍ତି ଅଛି। ତାହା ସେମାନଙ୍କୁ ଅଗ୍ନିରେ ନିକ୍ଷେପ କରୁଛି। ମତେ କିନ୍ତୁ ପାଞ୍ଚୋଟି କର୍ମେନ୍ଦ୍ରିୟ ଦେଇଛନ୍ତି। ଯଦି ମୁଁ ମୋର ବୁଦ୍ଧି ଓ ବିବେକ ଦ୍ୱାରା ଏଗୁଡ଼ିକର ସଠିକ ବ୍ୟବହାର ନକରେ, ମୋର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯିବାର ସମ୍ଭାବନା ରହିଛି। ତେଣୁ ଭଗବାନଙ୍କ ପାଖରେ ଯୋଡ଼ହସ୍ତରେ ପ୍ରାର୍ଥନା କଲି ମୋର ଇନ୍ଦ୍ରିୟଗୁଡ଼ିକ ଭଲ କର୍ମରେ ନିୟୋଜିତ ହେଉ।

*ଅବସରପ୍ରାପ୍ତ, ପ୍ରାଧ୍ୟାପିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*




# ଆଇନର ବ୍ୟବସ୍ଥା ଓ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଚାରିବର୍ଷ !



ଯେଉଁ ଦିନ ଶବ ବ୍ୟବଚ୍ଛେଦ ହେବ, ସେହିଦିନ ହିଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା କଥା। କିନ୍ତୁ କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବାକୁ ଚାରିବର୍ଷ ଲାଗି ଯାଉଛି। ଭେସେରା ଓ ଡାଏଟମ ରିପୋର୍ଟ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ଆସିବାରେ ବି ସମାନ ସ୍ଥିତି। ବଡ଼ ଡାକ୍ତରଖାନାରେ ୨୦୧୯ରୁ ଆଜି ସୁଦ୍ଧା ମୋଟ ୫୮୪ଟି ଶବର ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ବ୍ୟବଚ୍ଛେଦ ଦିନ ମିଳିବା ବଦଳରେ ଏମିତି ବର୍ଷ ବର୍ଷ ଧରି ପଡ଼ି ରହିବା ଫଳରେ ଚାର୍ଜସିଟ ଦାଖଲ ତ ବିଳମ୍ବ ହେଉଛି, ଅପରାଧୀ ବି ସହଜରେ ଖସି ଯାଉଛନ୍ତି।

ଯେଉଁ ମୃତ୍ୟୁ ମାମଲାରେ କୌଣସି ପ୍ରକାର ଜଟିଳତା ନଥାଏ, ସେହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟ କଟକ ବଡ଼ ଡାକ୍ତରଖାନାର ଏଫଏମଟି ବିଭାଗର ଡାକ୍ତର ସେହିଦିନ ହିଁ ଦେବା କଥା। ଯେଉଁ ମୃତ୍ୟୁରେ କୌଣସି ଜଟିଳତା ଥାଏ, ଯେଉଳି କି ପାଣିରୁ ଅଚିହ୍ନା ଶବ ଉଦ୍ଧାର ହୋଇଥିଲେ ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ଜାଣିବା ପାଇଁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀକୁ ଡାଏଟମପରୀକ୍ଷା ପାଇଁ ଡାକ୍ତର ପଠାଇଥାନ୍ତି। ଡାଏଟମ ପରୀକ୍ଷାରେ ଶବର ପେଟରୁ ସଂଗ୍ରହ ହୋଇଥିବା ପାଣି ଓ ଉକ୍ତ ଜଳାଶୟର ପାଣିକୁ ମେଳ କରାଯାଏ। ସେହିଭଳି ରାସ୍ତା ପାର୍ଶ୍ୱରୁ କୌଣସି ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଥିଲେ ବ୍ୟବଚ୍ଛେଦ ସହିତ ଲାବରେଟୋରୀକୁ ଭେସେରା ପରୀକ୍ଷା ପାଇଁ ପଠାଯାଏ। କୌଣସି ପ୍ରକାର ବିଷକ୍ରିୟା ସମ୍ପର୍କରେ ଏଥିରୁ ଜଣାପଡ଼ିଥାଏ। ଏବେ ଉଭୟ ବଡ଼ ଡାକ୍ତରଖାନା ଓ ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀ ପୁଲିସ ପାଇଁ ଅଡୁଆ ହେଲେଣି। ଅନେକ ଘଟଣାରେ ମୃତ୍ୟୁର କାରଣ ସ୍ପଷ୍ଟ ଥିବା ସତ୍ତ୍ୱେ କେବଳ ବ୍ୟବଚ୍ଛେଦ ରିପୋର୍ଟ ବଡ଼ ଡାକ୍ତରଖାନା ଦେବାକୁ ମାସ ମାସ ସମୟ ଲଗାଇ ଦେଉଛି।

ଡାଏଟମ କିମ୍ବା ଭେସେରା ପରୀକ୍ଷା ରିପୋର୍ଟ ଫରେନସିକ ଲାବରେଟୋରୀରୁ ଆସିବାକୁ ତ ଏକ ବର୍ଷ ଲାଗିଯାଉଛି। ଭେସେରା ନମୁନା ଲାବରେଟୋରୀରେ ମାସ ମାସ ପଡ଼ି ରହୁଥିବାରୁ ମାଂସ ପଚି ସଢ଼ି ଯାଉଥିବାବେଳେ ଶେଷରେ କୌଣସି ରିପୋର୍ଟ ଆଦୌ ଆସୁନାହିଁ। ଲାବରେଟୋରୀ ରିପୋର୍ଟ ଆସି ନଥିବା ଆଳରେ ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟରେ ବି କୌଣସି ପ୍ରକାର ମତ ଦେଉନାହାନ୍ତି। ପୁଲିସ ତଥ୍ୟ ଅନୁଯାୟୀ ୨୦୧୯ରେ ୨୫୫୫ଟି, ୨୦୨୦ରେ ୨୩୧୧ଟି, ୨୦୨୧ରେ ୨୭୨୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୫୩୪ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିରୁ ୨୦୧୯ରେ ୫ଟି ମାମଲାର ବ୍ୟବଚ୍ଛେଦ ରିପୋର୍ଟ ଏ ଯାଏ ମଙ୍ଗଳାବାଗ ଥାନା ପୁଲିସର ହସ୍ତଗତ ହୋଇନାହିଁ। ସେହିଭଳି ୨୦୨୦ର ୫ଟି , ୨୦୨୧ର ୧୬୭ଟି ଏବଂ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୪୦୭ଟି ରିପୋର୍ଟ ଏଯାଏ ହସ୍ତଗତ ହୋଇନାହିଁ। ମୋଟ ୫୮୪ ମାମଲାରେ ରିପୋର୍ଟ ଗଲା ୪ ବର୍ଷ ଭିତରେ ପୁଲିସର ହସ୍ତଗତ ହୋଇନାହିଁ।

ଶବ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ନିୟମ ପୁରା ସ୍ପଷ୍ଟ। ଯେଉଁଦିନ ଡାକ୍ତରଖାନାକୁ ପୁଲିସ ଶବ ନେଇ ଯାଉଛି, ସେହିଦିନ ବ୍ୟବଚ୍ଛେଦ କରି ରିପୋର୍ଟ ସମ୍ପୃକ୍ତ ପୁଲିସଙ୍କୁ ଡାକ୍ତର ଦେବାକଥା। ବ୍ୟବଚ୍ଛେଦ ରିପୋର୍ଟରେ ଥିବା କନକ୍ଲୁଜନରେ ଡାକ୍ତର ସର୍ବାଧିକ ୭ରୁ ୮ ଧାଡ଼ି ଲେଖିବାକୁ ପଡ଼େ। କିନ୍ତୁ ଡାକ୍ତରଙ୍କ ଢ଼ିଲାପଣ ଯୋଗୁଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ବିଳମ୍ବ ହେଉଛି। ଭେସେରା କିମ୍ବା ଡାଏଟମ ପରୀକ୍ଷା ରିପୋର୍ଟ ଫରେନସିକ ସାଇନ୍ସ ଲାବରେଟୋରୀରୁ ସର୍ବାଧିକ ୧୫ ଦିନ ଭିତରେ ହୋଇଯିବା କଥା। କିନ୍ତୁ ସେଠି ରିପୋର୍ଟ ୮ ମାସରୁ ଅଧିକ କାଳ ପଡ଼ି ରହୁଛି।

ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବରେ ଆସୁଥିବାରୁ ମାମଲାର ତଦନ୍ତ ବିଳମ୍ବ ସହିତ କୋର୍ଟରେ ଶୁଣାଣି ପ୍ରକ୍ରିୟାରେ ବି ବିଳମ୍ବ ହେଉଛି। ଅନେକ ମାମଲାରେ ପ୍ରାଥମିକ ଭାବେ ଅପମୃତ୍ୟୁ ମାମଲା ପୁଲିସ ରୁଜୁ କରିଥାଏ। କିନ୍ତୁ ପରେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏହା ହତ୍ୟା ମାମଲାକୁ ବଦଳିଯାଏ। ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ନ ଆସିଲେ ହତ୍ୟା ମାମଲାର ଅନେକ ପ୍ରମାଣ ନଷ୍ଟ ହୋଇଯାଇଥାଏ।

**ଆଦିତ୍ୟ କୁମାର ମହାନ୍ତି**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୮୯୧୨*

# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଅଭିନବ ପ୍ରୟାସ



କେନ୍ଦ୍ରାପଡ଼ା (ପିଏନ୍): ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସୌଜନ୍ୟରେ ଗତ ଫେବୃୟାରୀ ମାସ ୨ୟ ରବିବାରଠାରୁ ପ୍ରତ୍ୟେକ ରବିବାର ଆଖପାଖ ବିଦ୍ୟାଳୟର ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ସହ ସଫଳ ହେବା ପାଇଁ ବରିଷ୍ଠ, ଅଭିଜ୍ଞ ତଥା ପ୍ରବୀଣ ଶିକ୍ଷକମାନଙ୍କୁ ନେଇ ଶିକ୍ଷାଦାନ କରାଯାଇଆସୁଛି। ଭୁବନେଶ୍ୱର ପାହାଳସ୍ଥିତ କ୍ୟାରିୟର ଫୋକସ ଏଜୁକେଶନାଲ ଗ୍ରୁପର ପ୍ରତିଭାସମ୍ପନ୍ନ ପ୍ରବୀଣ ଶିକ୍ଷକ ମଣ୍ଡଳୀମାନଙ୍କ ଦ୍ୱାରା ଶିକ୍ଷାଦାନ ଅତି ଉଚ୍ଚକୋଟୀର ଓ ଆକର୍ଷଣୀୟ ଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଇଂରାଜୀ ଓ ଗଣିତ ଇତ୍ୟାଦି ବିଷୟରେ ଖେଳକୁଦ ମାଧ୍ୟମରେ ଶେଷଦେବ ପ୍ରଧାନ, ସୁରେଶ କୁମାର ସିଂ, ପ୍ରସାଦ ରଞ୍ଜନ ପାତ୍ର ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରଣବ କୁମାର ଜେନା ଆଗନ୍ତୁକ ଶିକ୍ଷକମଣ୍ଡଳୀ ଓ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏକଶହରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଜୁକେଶନାଲ ଗ୍ରୁପର ରାକେଶ ସିଂ, ହୃଷିକେଶ ସାହୁ, କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ପୁରାତନ ଛାତ୍ର ସଂସଦର ଉପ ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଜେନା, ଦେବେନ୍ଦ୍ର କୁମାର ରାଉତ, ତ୍ରିଲୋଚନ ଜେନା, ସୁବାସ ଚନ୍ଦ୍ର ମଜୁମଦାର, ଚିରରଞ୍ଜନ ରାଉତ, ମୂରଲୀଧର ବିଶ୍ୱାଳ, ଅନାଦି ଚରଣ ଦାସ, ବିଜୟ କୁମାର ସାହାଣୀ, ଶଶିଭୂଷଣ ପଣ୍ଡା, ପ୍ରଦୀପରଞ୍ଜନ ବୋଷ, ପର୍ଶୁରାମ ସ୍ୱାଇଁ, ସମାଜସେବୀ ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦୁପୁର ହାଇସ୍କୁଲର ଛାତ୍ରୀ ସାଇକ୍ରୀଷ୍ଣା ଜେନା, କେନ୍ଦ୍ରାପଡା ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ର ମହେଶ ଭୂୟାଁ ଶିକ୍ଷାଦାନ ଶେଷରେ ଶିକ୍ଷକମଣ୍ଡଳୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଜିର ମନମୁଗ୍ଧକର ଶିକ୍ଷାଦାନ ଆମ୍ଭମାନଙ୍କ ପାଇଁ ପରୀକ୍ଷାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧି ପାଉଛି ସିଆରପିସି-୪୧ ଉଲ୍ଲଂଘନ: ମାମଲା ବଢୁଛି; ସମୟ ବି ନଷ୍ଟ



ସାତବର୍ଷରୁ କମ ଦଣ୍ଡ ଥିବା ମାମଲାର ଅଭିଯୁକ୍ତମାନଙ୍କୁ ସିଆରପିସି ୪୧ରେ ନୋଟିସ ଦେଇ ଛାଡ଼ିବାର ନିୟମ ରହିଛି। ହେଲେ ପୁଲିସ ନିଜ ଉପରୁ ଦୋଷ ଖସାଇବା ପାଇଁ ସିଆରପିସି ୪୧କୁ ମାନୁନି। ଏଭଳି ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଏ ସମ୍ପର୍କିତ ମାମଲା ସଂଖ୍ୟା ବଢୁଥିବାରୁ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ ହେଉଛି। ଅନେକ ସମୟରେ କୋର୍ଟ ମଧ୍ୟ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରୁଥିବାରୁ ସିଆରପିସି-୪୧କୁ କଡ଼ାକଡ଼ି ପାଳନ କରିବା ପାଇଁ ଏସପି ଓ ଡିସିପିମାନଙ୍କୁ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜଣେ ପୁଲିସ ଅଫିସରଙ୍କୁ ଗୋଟିଏ ଦିନରେ ସଜା ସହ ୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଏକ ଅପରାଧରେ ସଜା ୭ ବର୍ଷରୁ କମ ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରି ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ିବା ବଦଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟ ମାମଲାର ବିଚାର କରି ଗିରଫ କରିଥିବା ପୁଲିସ ଅଫିସରଙ୍କୁ ଗୋଟିଏ ଦିନର ସଜା ଶୁଣାଇଥିଲେ। ତେଣୁ ଯଦି ଏଭଳି ଭୁଲ କଲେ ଆଇନ ଅନୁସାରେ ଦଣ୍ଡିତ ହେବାର ଆଶଙ୍କା ଥିବା କ୍ରାଇମବ୍ରାଞ୍ଚ ପୁଲିସ କର୍ମଚାରୀଙ୍କୁ ଚେତେଇ ଦେଇଛି।

ଜାନୁଆରୀ ମାସର ତଥ୍ୟ ଅନୁସାରେ ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାରେ ରାଜ୍ୟରେ ୨ହଜାର ୪୭୪ ଜଣ ଗିରଫ ହୋଇଥିବାବେଳେ ୯ହଜାର ୯୮୪ ଜଣଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଗିରଫ ହୋଇଥିବାବେଳେ ୯୨୦ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୨୪ ଜଣ ଗିରଫ ହୋଇଥିବାବେଳେ ୩୪୧ ଜଣଙ୍କୁ ଛଡ଼ା ଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୫ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଜଗତସିଂହପୁର ଜିଲ୍ଲାରେ ୯୪ଜଣ ଗିରଫ ହୋଇଥିବାବେଳେ ୯୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କେନ୍ଦ୍ରାପଡ଼ାରେ ୫୦ଜଣ ଗିରଫ ହୋଇଥିବାବେଳେ ୩୨ ଜଣଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଖୋର୍ଦ୍ଧାରେ ୧୦୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୫୯ ଜଣଙ୍କୁ ନେଟି ଦେଇ ଛଡ଼ାଯାଇଛି। ପୁରୀରେ ୧୫୨ ଜଣଙ୍କୁ ଗିରଫ ହୋଇଥିବାବେଳେ ୪୩୬ ନୋଟିସ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୮୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୬୫ ଜଣଙ୍କୁ ନୋଟିସ ଦେଇ ଛାଡ଼ିଛି ପୁଲିସ। ବାଲେଶ୍ୱରରେ ୧୨୯ ଗିରଫ ହୋଇଥିବାବେଳେ ୪୨୫ଙ୍କୁ ଛଡ଼ା ଯାଇଛି। ମୟୂରଭଞ୍ଜରେ ୧୦୫ ଗିରଫ ହୋଇଥିବାବେଳେ ୬୨୧ ଜଣଙ୍କୁ ଛଡ଼ାଯାଇଛି। ସୁନ୍ଦରଗଡ଼ରେ ୧୦୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସିଆରପିସି ୪୧ରେ ୨୩୯ ଜଣଙ୍କୁ ଛଡ଼ାଯାଇଛି। ରାଉରକେଲାରେ ୬୦ ଗିରଫ ହୋଇଥିବା ବେଳେ ୨୬୨ ଜଣଙ୍କୁ ନୋଟିସ ଦିଆଯାଇଛି। ରାଜଧାନୀରେ ୨୩୩ଜଣ ଗିରଫ ହୋଇଥିବାବେଳେ ୨୧୯ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୧୪୪ ଜଣ ଗିରଫ ହୋଇଥିବାବେଳେ ୩୩୯ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଳାହାଣ୍ଡିରେ ୨୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୦୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଢେଙ୍କାନାଳରେ ୭୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୧୦ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ସେହିଭଳି ଅନୁଗୁଳରେ ୧୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୫୫ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ମଧ୍ୟ ଥାନା କର୍ମଚାରୀଙ୍କୁ ସଚେତନ କରିବା ପାଇଁ ନୋଟିସ ହୋଇଥିଲା। ଏହାକୁ ପୁଣି ଥରେ କରାଯାଇଛି। ସିଆପିସି ସଂକ୍ରାନ୍ତ ମାମଲା ଦିନକୁ ଦିନକ ବଢୁଥିଲାବେଳେ ନ୍ୟାୟ ଉପରେ ମଧ୍ୟ ଏନେଇ ଏକ ପ୍ରକାର ବୋଝ ବୃଦ୍ଧି ପାଉଛି ତେଣୁ ଏ କ୍ଷେତ୍ରରେ ସଚେତନତା ବଢୁ ଓ ଲୋକମାନେ ନ୍ୟାୟ ପାଆନ୍ତୁ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

**DISPLAY CLASSIFIED**

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ବହିର ସଂରକ୍ଷଣ ସହ ପଠନ ଲୋଡ଼ା, ପାଠକମାନଙ୍କୁ ବହିମନସ୍କ କରିବାର ଅଭିଯାନ ଆରଂଭ ହେଉ

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ବହିର ଆଦର କମି ଯାଉଥିବାବେଳେ ଲୋକମାନଙ୍କୁ ବହିମନସ୍କ କରିବା ପାଇଁ ଆରଂଭ ହୋଇଛି ମନୋରଞ୍ଜନ ମିଶନ ପାଠାଗାର। ବଣିଆଟାଙ୍ଗୀ ରୋହିଣୀ ଭିଲ୍ଲାରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ଦାସଙ୍କ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରକୁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଂଚଳର ପାଠକମାନଙ୍କ ପଠନ ପିପାସା ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାନ୍ଧିକ ସୁନୀଲ ବୋଷ, ଡା. ରାସବିହାରୀ ପତି, ଓଡ଼ିଆ ଜାତୀୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ସାଧାରଣ ସଂପାଦକ ନିରାକାର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଭାତନଳିନୀ ପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ପାଇଁ ବହିର ସଂରକ୍ଷଣ ସହ ପଠନ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ପାଠାଗାରକୁ କିଛି ପୁସ୍ତକ ଦାନ କରି ଇଂରାଜୀମାଧ୍ୟମ ପିଲାମାନଙ୍କୁ ବହିମନସ୍କ କରିବା ପାଇଁ ଉଦ୍ୟମ ହେଉ ବୋଲି ମତ ଦେଇଥିଲେ। ମନୋରଞ୍ଜନ ମିଶନ ଟ୍ରଷ୍ଟ ପକ୍ଷରୁ ଏହି ପାଠାଗାର ପରିଚାଳିତ ହେଉଥିବାବେଳେ ସଂପ୍ରତି ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ବହି ଥିବାବେଳେ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିଷ୍ଠାତା ମନୋରଞ୍ଜନ ଦାସ ମତ ଦେଇଥିଲେ। ଆଜ୍ଞନା ମହାନ୍ତି ଓ ଇନ୍ଦିରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତୀକ୍ଷା-୨ ଶିବିରର ଉଦ୍‌ଯାପନ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ପ୍ରତୀକ୍ଷା-୨ ଶିବିର ଏକ ବର୍ଣ୍ଣାଢ୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପନ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସ୍କାଉଟ୍‌ର ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାଧ୍ୟମିକ ବୋର୍ଡ ଉପସଭାପତି ଶ୍ରୀ ନିହାର ରଂଜନ ମହାନ୍ତି ଏବଂ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ଶତପଥୀ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୫୧୩ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍ ଯୋଗ ଦେଇ ଶିବିରର ବିଭିନ୍ନ ଦିବସରେ



ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଶାରୀରିକ କ୍ରୀଡ଼ା କୌଶଳ, ସାମରିକ କ୍ରୀଡ଼ା, କଲରପାର୍ଟି, ଦଳଗତ ନୃତ୍ୟ, ବକ୍ତୃତା, ଫୁଡ଼ଭିଲ୍ଲା, ର୍‌ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି, କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ବିଭିନ୍ନ ଅତିଥିମାନେ ଆସି ଯୋଗଦାନ କରି ପିଲାମାନଙ୍କୁ ବିଭିନ୍ନ ପ୍ରକାର ସଦ୍ ଉପଦେଶ ପ୍ରଦାନ କରିଥିଲେ। ଅପରାହ୍ନ ୪ଟା ସମୟରେ ମାନସିକ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ ପ୍ରଣବ ମହାପାତ୍ର ଯୋଗଦାନ କରି ପିଲାମାନଙ୍କର ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତରେ ଭଲ ନାଗରିକ ହେବା ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ବିଭିନ୍ନ ଜିଲ୍ଲା ଦ୍ୱାରା ଆୟୋଜିତ "ଗ୍ରାମ୍ୟ ବଜାର"ରେ ବୁଲି କିଣାକିଣି କରିବା ସହିତ ବିଭିନ୍ନ ସ୍ୱାଦର ଖାଦ୍ୟପଦାର୍ଥକୁ ଉପଭୋଗ କରିଥିଲେ। ରାଜ୍ୟ ଗାଇଡ୍ ସଂଗଠିକା ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକ, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Sunday May 11 ଭୁବନେଶ୍ୱର ରବିବାର, ୧୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷା ମାତୃତ୍ୱ ଅଭିଯାନରେ ବ୍ୟାପକ ଅନିୟମିତତା

ମାହାଙ୍ଗା,(ପି.ଏନ): ସୂଚନା ମୁତାବକ ମାତୃ ଶିଶୁ ମୃତ୍ୟୁ ହାର କମ୍ ତଥା ସୁରକ୍ଷିତ ପ୍ରସବ କରିବା ପାଇଁ ମାନନୀୟ ପ୍ରଧାନ ମନ୍ତ୍ରୀ ପିଏମ ଏସ୍ ଏମ୍ ଏ ଯୋଜନା ଆରମ୍ଭ କରିଥିଲେ ଏହି ଯୋଜନାରେ ପ୍ରତେକ ମାସ ନଅ ତାରିଖ ରେ ଗର୍ଭବତୀ ମହିଳା ମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ପରାମର୍ଶ ମାଗଣାରେ ଔଷଧ ରକ୍ତ ପରୀକ୍ଷା ଅଲଟ୍ରାସାଉଣ୍ଡ କରାଯିବା ସହ ଆସିଥିବା ସମସ୍ତ ଗର୍ଭବତୀ ମହିଳାଙ୍କୁ ପୃଷ୍ଟିକର ଖାଦ୍ୟ ପାନୀୟ ଦିଆଯିବାର ବ୍ୟବସ୍ଥା ରହିଚ଼ି. ହେଲେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି.. ଗର୍ଭ ବତୀ ମାନଙ୍କୁ ...... ଟଙ୍କା ର ଖାଦ୍ୟ ମିଳିବାକୁ ବ୍ୟବସ୍ଥା ଥିଲେ ମଧ୍ୟ ଚ଼ଳିତ ମାସ ୯ ତାରିଖ ରେ ଆସିଥିବା ଗର୍ଭବତୀ ମାନଙ୍କୁ କେବଳ ଗୋଟିଏ ମାରି ଗୋଲ୍ଡ ବିସ୍କୁଟ ପ୍ରଗତି ଗୋଲ୍ଡ କ୍ଷୀର ଅନାମଧେୟ ପାଣି ବୋତଲ ଦିଆ ଯାଇଥିବାବେଳେ..ବାକି ପଇସା ଅଧିକ୍ଷକ ଙ୍କ ପକେଟ କୁ ଯାଇଚ଼ି ବୋଲି ଚ଼ର୍ଚ଼ା ହଉଚ଼ି..ସେହିପରି ଅଲଟ୍ରାସାଉଣ୍ଡ ମେସିନ୍ ଓ ଛଅ ମାସ ପ୍ରଶିକ୍ଷଣ ଶେଷ କରି ଅଲଟ୍ରାସାଉଣ୍ଡ ଚ଼ଳେଇବାପାଇଁ ଡାକ୍ତର ଥିବା ବେଳେ ଅଲ୍ଟ୍ରାସାଉଣ୍ଡ ନ କରି କାହା ସ୍ୱାର୍ଥ ରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏକ ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ର ସାଲେପୁର କୁ ରେଫର କରାଯାଉ ଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି..ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଅସ୍ଥାୟୀ ଅଧିକ୍ଷକ ଙ୍କ ବଦଳି. ସ୍ଥାୟୀ ଅଧିକ୍ଷକ ନିଯୁକ୍ତି ପ୍ରତି ଧ୍ୟାନ ଦେବାକୁ ମାନ୍ୟବର ବିଧାୟକ ମାହାଙ୍ଗା ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ମାହାଙ୍ଗା ସାଧାରଣ ଜନତା ଓ ବୁଦ୍ଧିଜିବୀ ମାନେ ଦାବି କରିଛନ୍ତି।

# ଧର୍ମପରାୟଣା ମହିଳା ନନ୍ଦିନୀ ପଟ୍ଟନାୟକଙ୍କ ପରଲୋକ : ସାଇ ପରିବାରରେ ଗଭୀର ଶୋକ

ପାରାଦୀପ,(ପି.ଏନ): ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ପାରାଦୀପ ଷ୍ଟିଭେଡୋର୍ସ ଆସୋସିଏସନ ର ସମ୍ପାଦକ ଓ ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ଅନ୍ତର୍ଯ୍ୟାମି ପଟ୍ଟନାୟକ ଙ୍କ ଧର୍ମ ପତ୍ନୀ ତଥା ଧର୍ମ ପ୍ରାଣ ମହିଳା ଶ୍ରୀମତୀ ନନ୍ଦିନୀ ପଟ୍ଟନାୟକ ଙ୍କ ଶୁକ୍ରବାର ସକାଳ ୮ ସମୟରେ ୭୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚ଼ିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁ ସମୟରେ ପୁଅ,ବୋହୂ,ଝିଅ,ଜ୍ୱାଇଁ,ଜ୍ଞାତି ସହୋଦର ଉପସ୍ଥିତ ଥିଲେ । ସେ ଜଣେ ଧର୍ମ ପରାୟଣା, ଅମାୟିକା ଓ ମିଷ୍ଟଭାସି ମହିଳା ଥିଲେ । ସ୍ୱର୍ଗତା ପଟ୍ଟନାୟକ ସତ୍ୟସାଇ ସେବା ସଂଗଠନ ର ଜଣେ ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ବାବାଙ୍କର ପରମ ଭକ୍ତ ଥିଲେ କ୍ଷ ତାଙ୍କର ପୁତ୍ର ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ସତ୍ୟ ସାଇ ସଙ୍ଗଠନର ରାଜ୍ୟ ସଭାପତି ଅଛନ୍ତି କ୍ଷ ତାଙ୍କର ଦେହାନ୍ତ ଖବର ପାଇ ବହୁ ସାଇ ପ୍ରେମୀ ମର୍ମାହତ ହେଇଛନ୍ତି । ସତ୍ୟ ସାଇ ମନ୍ଦିର ତାଙ୍କର ଶବକୁ ରାମ ମନ୍ଦିର ପାଖ ସତ୍ୟ ସାଇ ମନ୍ଦିରକୁ ନିଆଯାଇ ସତ୍ୟନଗର ଶ୍ମଶାନ ରେ ଶେଷ କୃତ୍ୟ ସମ୍ପନ କରାଯାଇଥିଲା ।

# ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ: ରାଜ୍ୟପାଳ



ଭୁବନେଶ୍ୱର, (ପି.ଏନ): ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ। ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମେ' ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି 'ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର' ଏବଂ 'ଏସ୍.ଏସ୍. ହସ୍ପିଟାଲ, ତାଳଚେର'ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ 'ବିଶ୍ୱ ମାତୃ ଦିବସ' ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି। ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ। ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ 'ବିଶ୍ୱ ମାତୃ ଦିବସ' ଅବସରରେ 'ସମୟର ଆବଶ୍ୟକତା' ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହିତ ଆମ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଓ ବିଚାରବିମର୍ଷ ନିମନ୍ତେ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ସାମାଜିକ କର୍ମୀ ଏବଂ ସ୍ୱାସ୍ଥ୍ୟ ସେବା ସହ ଜଡିତ ବୃ ିଧାରୀ ଏକତ୍ର ହୋଇଥିବାରୁ ଖୁସି ପ୍ରକଟ କରିଥିଲେ। ଏପରି ପଦକ୍ଷେପ କେବଳ ସମୟୋଚିତ ନୁହେଁ, ବରଂ ସମାବେଶୀ ବିକାଶ, ସଶକ୍ତିକରଣ ଦିଗରେ ଆମର ସାମୂହିକ ଯାତ୍ରାରେ ବହୁତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଓଡିଶାର ଦୁର୍ଗମ ଓ ଅନୁନ୍ନତ ଅଂଚଳରେ ବିଭିନ୍ନ ସମସ୍ୟାର ସମାଧାନ, ଶାନ୍ତି ପ୍ରତିଷ୍ଠା ପାଇଁ ନିର'ର ପଦକ୍ଷେପ, ମହିଳାମାନଙ୍କୁ ସଶକ୍ତ କରିବା, ଗୋଷ୍ଠୀଙ୍କୁ ପୋଷଣ କରିବା, ଶିକ୍ଷା ଓ କଲ୍ୟାଣମୂଳକ ପଦକ୍ଷେପକୁ ସହଜ କରିବା ଦିଗରେ ଅନୁଷ୍ଠାନର ଉତ୍ସର୍ଗୀକୃତ

# ହଜରତ ପୀର୍ ମନସୁର ବାବାଙ୍କ ବାର୍ଷିକ ଉସ ଉତ୍ସବ ପାଳନ ଉପଲକ୍ଷେ କାୱାଲି କାର୍ଯ୍ୟକ୍ରମରେ

ଧାମନଗର,(ପି.ଏନ); ହଜରତ ପୀର୍ ମନସୁର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ମହା ଆଡମ୍ବରରେ ଓ ଧୁମଧାମରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଦୋବଲ ବସ ଷ୍ଟାଣ୍ଡ ଠାରେ ଉର୍ସ ମନସୁରିଆ କମିଟି ମୁସ୍ତାଫାପୁର୍ ଆନୁକୁଲ୍ୟରେ ଏକ ବିରାଟ କାୱାଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ,ବିଜେଡି ନେତା ତଥା ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ,ଧାମନଗର ପଞ୍ଚାୟତ ସମିତି ପୁର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଭଦ୍ରକ ମୁନସୀପାଲଟି ଚେୟାରମେନ ଗୁଲମକ୍କୀ ଦଲୱାଜି ହବିବ,ଧାମନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ଏନ.ଏ.ସି ଅଧକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି,ମୁସ୍ତାଫାପୁର ସରପଞ୍ଚ



ଜିସନାରା ବିବି ଜିଲ୍ଲାପରିଷଦ ପ୍ରତିନିଧ ପ୍ରତାପ ସାମଲ ପ୍ରମୁଖ ଯୋଗଦେଇ ପୀରବାବାଙ୍କୁ ଦର୍ଶନ କରି କାୱାଲି କାର୍ଯ୍ୟକ୍ରମକୁ ଉଦଘାଟନ ସହ ବକ୍ତବ୍ୟ ରଖିଥିଲେ। ପରେ କିଛି ସମୟ ଧରି କାୱାଲିକୁ ଉପଭୋଗ ସହିତ କରତାଳି ମାଧ୍ୟମରେ କାୱାଲିର ଉଭୟ ଦଳକୁ ଉତ୍ସାହିତ କରିଥିଲେ। ଏଥିରେ ଯାଜପୁର,ଭଦ୍ରକ ଓ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର କ୍ୱାଲି ପ୍ରେମୀ ଯୋଗଦେଇଥିବା ବେଳେ ସାମାଜସେବୀ ଓ ବୁଦ୍ଧିଜୀବୀ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସରପଞ୍ଚ ପ୍ରତିନିଧି ସେକ ମୁସ୍ତାକ,କମିଟିର ସଭାପତି ସେକ ରିଆଜ ହୋସେନ ଖାଁ,ସମ୍ପାଦକ ସେକ ଆଝାରୁଦ୍ଦିନ, ସେକ ସାହିଲ ଖାଁ, ସେକ ସରଫରାଜ କାଦରୀଙ୍କ ଆକ୍ରାନ୍ତ ପରିଶ୍ରମରେ ହୋଇଥିବା ବେଳେ ପରିଚ଼ାଳନାରେ ସହଯୋଗ କରିଥିଲେ। କାୱାଲି ପ୍ରୋଗ୍ରାମରେ ରାଜସ୍ଥାନରୁ ଆସିଥିବା ସଲିମ୍ ସାବିର ଓ ତାଙ୍କ ଟିମ୍ ସହିତ ମହାରାଷ୍ଟ୍ର ରୁ ଆସିଥୁବା ସୁଲତାନ ନାଁଜାଙ୍କ ଦ୍ୱାରା କ୍ୱାଲି କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ପ୍ରାରମ୍ଭରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ନିରୀହ ଜନସାଧାରଣଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥୁଲା।

# ହଜରତ ପୀର୍ ମନସୁର ବାବାଙ୍କ ବାର୍ଷିକ ଉସ ଉତ୍ସବ ପାଳନ ଉପଲକ୍ଷେ କାୱାଲି କାର୍ଯ୍ୟକ୍ରମ

ଧାମନଗର,(ପି.ଏନ): ହଜରତ ପୀର୍ ମନସୁର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ମହା ଆଡମ୍ବରରେ ଓ ଧୁମଧାମରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଦୋବଲ ବସ ଷ୍ଟାଣ୍ଡ ଠାରେ ଉର୍ସ ମନସୁରିଆ କମିଟି ମୁସ୍ତାଫାପୁର୍ ଆନୁକୁଲ୍ୟରେ ଏକ ବିରାଟ କାୱାଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ,ବିଜେଡି ନେତା ତଥା ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ,ଧାମନଗର ପଞ୍ଚାୟତ ସମିତି ପୁର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଭଦ୍ରକ ମୁନସୀପାଲଟି ଚେୟାରମେନ ଗୁଲମକ୍କୀ ଦଲୱାଜି ହବିବ,ଧାମନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ଏନ.ଏ.ସି ଅଧକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି,ମୁସ୍ତାଫାପୁର ସରପଞ୍ଚ ଜିସନାରା ବିବି ଜିଲ୍ଲାପରିଷଦ ପ୍ରତିନିଧ ପ୍ରତାପ ସାମଲ ପ୍ରମୁଖ ଯୋଗଦେଇ ପୀରବାବାଙ୍କୁ ଦର୍ଶନ କରି କାୱାଲି କାର୍ଯ୍ୟକ୍ରମକୁ ଉଦଘାଟନ ସହ ବକ୍ତବ୍ୟ ରଖିଥିଲେ। ପରେ କିଛି ସମୟ ଧରି କାୱାଲିକୁ ଉପଭୋଗ ସହିତ କରତାଳି ମାଧ୍ୟମରେ କାୱାଲିର ଉଭୟ ଦଳକୁ ଉତ୍ସାହିତ କରିଥିଲେ। ଏଥିରେ ଯାଜପୁର,ଭଦ୍ରକ ଓ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର କ୍ୱାଲି ପ୍ରେମୀ ଯୋଗଦେଇଥିବା ବେଳେ ସାମାଜସେବୀ ଓ ବୁଦ୍ଧିଜୀବୀ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତିନିଧି ସେକ ମୁସ୍ତାକ,ଦବିରୁଦ୍ଦିନ ଖାଁ,ସେକ ୱାହିଦ କାଦରି, ସେକ ଗୋଲାମ ଗୌସ,ସେକ ମୁର୍ସିଦ, ଜାହିର ଅଲ୍ଲୀ ଖାଁ,ରସମୁଦ୍ଦିନ ଖାଁ, ସେକ ଅଜମଲ୍ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ପରିଚ଼ାଳନା କରିଥିଲେ। ରାଜସ୍ଥାନରୁ ଆସିଥିବା ସଲିମ୍ ସାବିର ଓ ତାଙ୍କ ଟିମ୍ ସହିତ ମହାରାଷ୍ଟ୍ର ରୁ ଆସିଥୁବା ସୁଲତାନ ନାଁଜାଙ୍କ ଦ୍ୱାରା କ୍ୱାଲି କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ପ୍ରାରମ୍ଭରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ନିରୀହ ଜନସାଧାରଣଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥୁଲା।

# ପାରାଦୀପରେ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱଚ୍ଛ ଚ଼ର୍ଚ୍ଚା, ଭତ୍ତା ବଣ୍ଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ପାରାଦୀପ ,(ପି.ଏନ): ପାରାଦୀପ ପୌରପାଳିକା ପକ୍ଷରୁ ସ୍ଥାନୀୟ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଶନିବାର ଦିନ ସଫେଇ କର୍ମଚ଼ାରୀ ଙ୍କ ସ୍ୱାସ୍ଥ୍ୟ ଓ ଚ଼କ୍ଷୁ ପରୀକ୍ଷା ଶିବିର,ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପଭାଇଜର, ଜମାଦାର ଓ ସଫେଇ କର୍ମଚ଼ାରୀ ମାନଙ୍କ ସ୍ୱଚ୍ଛ ଚ଼ର୍ଚ୍ଚା ଦିବସ, ବିଭିନ୍ନ ୱାର୍ଡ ର ମଧୁବାବୁ ପେନସନ ଯୋଜନା ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ ଓ ଦଶମ ପରୀକ୍ଷାରେ ଏ-୧ ଗ୍ରେଡ଼ ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଙ୍କୁ ପୁରସ୍କୃତ ଓ ସମ୍ମାନିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି କ୍ଷ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ସରକାର ଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ ଯୋଗଦେଇ ୬୧ ଜଣଙ୍କୁ ଭତ୍ତା ବଣ୍ଟନ କରିବା ସହ ୮ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ୱଛତା ସହିତ ସ୍ୱାସ୍ଥ୍ୟ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିବା ସହ ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନିଷ୍ପତି ପାଇଁ ସେ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ । ଏତଦବ୍ୟତୀତ କ୍ରମବର୍ଦ୍ଧିଷ୍ଣୁ ସଡକ ଦୁର୍ଘଟଣା କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ଚ଼ିକିତ୍ସାଳୟରେ ଏକ ଟ୍ରମା ସେଣ୍ଟର ନିକଟରେ ଖୋଲାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିବା ନେଇ ମନ୍ତ୍ରୀ ସୂଚ଼ନା ଦେଇଥିଲେ କ୍ଷ ସେହିପରି ପାରାଦୀପ ପୌରପାଳିକା ର ସ୍ୱଚ୍ଛତା ଓ ସଚେତନ କାର୍ଯ୍ୟକ୍ରମ କୁମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଚ୍ଚ଼ ପ୍ରଶଂସା କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସୁଶ୍ରୀ ସ୍ମୃତି ସ୍ୱାଇଁ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚ଼ାର୍ଯ୍ୟ ଧରଣୀଧର ପରିଡା,ପିପିଏଲ ଡିଏଭି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସେହିପରି ଏଥିରେ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବ ?ଶ୍ୱର ବଳିୟାରସିଂହ, ପାରିଷଦ ତଥା ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ପାରିଷଦ କାମ୍ବଳା ଜଗନ୍ନାଥ ରାଓ, ଶ୍ରୀମତୀ ସୌଦାମିନୀ ସାହୁ ଙ୍କ ସମେତ ବିଭିନ୍ନ ୱାର୍ଡ ର ପାରିଷଦ ଓ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray